रजिस्ट्री सं० डी-221

REGISTERED No. D.-221
ରେଜିଷ୍ଟ୍ରି ସଂ. ଡି.-221

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
**EXTRAORDINARY**
ଅସାଧାରଣ

भाग XIII—अनुभाग I
**Part XIII—Section I**
ଭାଗ XIII—ଖଣ୍ଡ I

प्राधिकार से प्रकाशित
**PUBLISHED BY THE AUTHORITY**
ପ୍ରାଧିକାର ଦ୍ୱାରା ପ୍ରକାଶିତ

**No. 1 NEW DELHI MONDAY APRIL 5, 1999 CHAITRA 15, 1921 (SAKA) VOL. 6**

ସଂ 1 ନୂଆଦିଲ୍ଲୀ ସୋମବାର ଅପ୍ରେଲ 5, 1999 ଚୈତ୍ର 15, 1921 (ଶକ) ଗ୍ରନ୍ଥଖଣ୍ଡ 6

## MINISTRY OF LAW, JUSTICE AND COMPANY AFFAIRS

**(Legislative Department)**

*New Delhi, dated the 5th April 1999/15 Chaitra, 1921 (SAKA)*

The Translation in Oriya of the following:—

(1) The Indian Partnership Act, 1932, (2) The Indian Boilers Act, 1923, (3) The Registration of Births and Deaths Act, 1969, (4) The War Injuries Compensation Insurance Act, 1943, (5) The Maternity Benefit Act, 1961, (6) The United Nations (Privileges and Immunities) Act, 1947, (7) The Exchange of Prisoners Act, 1948, (8) The Trading with the Enemy (Continuance of Emergency Provisions) Act, 1947, (9) The Indian Works of Defence Act, 1903, (10) The Oaths Act, 1969, (11) The Employers Liability Act, 1938, (12) The Coroners Act, 1871, (13) The Hindu Adoption

and Maintenance Act, 1956, (14) The Births, Deaths and Marriages Registration Act, 1886, (15) The Industrial Disputes (Banking Companies) Decision Act, 1955, (16) The Employment Exchange (Compulsory Notification of Vacancies) Act, 1959, (17) The Estate Duty Act, 1953, (18) The Representation of Peoples Act, 1950, (19) The Indian Limitation Act, 1963, (20) The Guardian and Wards Act, 1890, (21) The Motor Transport Workers Act, 1961, (22) The Payment of Wages Act, 1936, are hereby published under the authority of the President and shall be deemed to be the Authoritative Texts thereof in Oriya under clause (a) of section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରଣାଳୟ

### (ବିଧାୟୀ ବିଭାଗ)

### ନୂଆଦିଲ୍ଲୀ

(1) ଦି ଇଣ୍ଡିଆନ୍ ପାର୍ଟନରସିପ୍ ଏକ୍ଟ, 1932, (2) ଦି ଇଣ୍ଡିଆନ୍ ବୟଲରସ୍ ଏକ୍ଟ, 1923, (3) ଦି ରେଜିଷ୍ଟ୍ରେସନ୍ ଅଫ୍ ବାର୍ଥ ଆଣ୍ଡ ଡେଥ ଏକ୍ଟ, 1969, (4) ଦି ଓ୍ବାର ଇନ୍‌ଜୁରିଜ୍ (କମ୍ପେନ୍‌ସେସନ ଇନ୍‌ସୁରାନ୍‌ସ) ଏକ୍ଟ, 1943, (5) ଦି ମେଟାରନିଟି ବେନେଫିଟ୍ ଏକ୍ଟ 1961, (6) ଦି ଇଉନାଇଟେଡ୍ ନେସନ୍‌ସ (ପ୍ରିଭିଲେଜେସ୍ ଆଣ୍ଡ ଇମୁନିଟିଜ୍) ଏକ୍ଟ, 1947, (7) ଦି ଏକ୍‌ସଚେନଜ ଅଫ୍ ପ୍ରିଜିନରସ୍ ଏକ୍ଟ, 1948, (8) ଦି ଟ୍ରେଡ଼ିଂଗ୍ ଉଇଥ୍ ଦି ଏନ୍‌ମି (କନ୍‌ଟିନ୍ୟୁୟାନସ୍ ଅଫ୍ ଏମରର୍ଜେନ୍‌ସି ପ୍ରୋଭିଜନସ) ଏକ୍ଟ, 1947, (9) ଦି ଇଣ୍ଡିଆନ ଓ୍ବାର୍କସ୍ ଅଫ୍ ଡ଼ିଫେନସ୍ ଏକ୍ଟ, 1903, (10) ଦି ଓଥ୍‌ସ୍ ଏକଟ, 1969, (11) ଦି ଏମ୍ପ୍ଲୟିଜ୍ ଲଇୟାବିଲିଟି ଏକ୍ଟ, 1938, (12) ଦି କୋରେନରସ ଆକ୍ଟ, 1871, (13) ଦି ହିଂଦୁ ୟାଡପଶନ୍ ଏଣ୍ଡ ମେନ୍‌ଟିନ୍ୟାନ୍‌ସ ଏକ୍ଟ, 1956, (14) ଦି ବାର୍ଥସ, ଡେଥସ୍ ଏଣ୍ଡ ମ୍ୟାରିଜେସ୍ ରେଜିଷ୍ଟ୍ରେସନ୍ ଏକ୍ଟ, 1886, (15) ଦି ଇଣ୍ଡଷ୍ଟ୍ରିଆଲ ଡିସ୍‌ପିଉଟସ୍ (ବ୍ୟାକିଂ କମ୍ପାନିଜ) ଡିସିସନ୍ ଏକ୍ଟ, 1955, (16) ଦି ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜ (କଂପଲସରି ନୋଟିଫିକେସନ ଅଫ୍ ଭେକାନ୍‌ସିଜ) ଏକ୍ଟ, 1959 (17) ଦି ଇଷ୍ଟେଟ ଡିଉଟି ଏକ୍ଟ, 1953, (18) ଦି ରିପ୍ରେଜେନଟେସନ ଅଫ୍ ପିୟୁପୁଲସ୍ ଏକଟ, 1950, (19) ଦି ଇଣ୍ଡିଆନ୍ ଲିମିଟେସନ ଏକ୍ଟ, 1963, (20) ଦି ଗାର୍ଡିୟାନ୍ ଆଣ୍ଡ ଓୟାର୍ଡସ୍ ଏକ୍ଟ, 1890, (21) ଦି ମୋଟର ଟ୍ରାନ୍‌ସ୍‌ପୋର୍ଟ ଓ୍ବାକରସ ଏକ୍ଟ, 1961, (22) ଦି ପେମେଣ୍ଟ ଅଫ୍ ଓ୍ବେଜେସ୍ ଏକ୍ଟ, 1936 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50)ର ଧାରା 2 ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭାଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ମଜୁରି ପ୍ରଦାନ ଅଧିନିୟମ, 1936

( 1936 ର ଅଧିନିୟମ ସଂଖ୍ୟା 4 )

## ଶିଳ୍ପରେ ନିୟୋଜିତ କେତେକ ଶ୍ରେଣୀର ବ୍ୟକ୍ତିଙ୍କୁ ମଜୁରି ପ୍ରଦାନ ନିୟନ୍ତ୍ରଣ କରିବା ନିମିତ୍ତ ଏକ ଅଧିନିୟମ

[ ତାରିଖ 23 ମାର୍ଚ୍ଚ 1936 ]

ଯେହେତୁ ଶିଳ୍ପରେ ନିୟୋଜିତ କେତେକ ଶ୍ରେଣୀର ବ୍ୟକ୍ତିଙ୍କୁ ମଜୁରି ପ୍ରଦାନ ନିୟନ୍ତ୍ରଣ କରିବା ସମୀଚୀନ ଅଟେ, ତେଣୁ ଏତଦ୍ୱାରା ନିମ୍ନୋକ୍ତରୂପେ ଅଧିନିୟମିତ ହେଲା :–

ସଂକ୍ଷିପ୍ତ ନାମ, ବିସ୍ତାର ପ୍ରାରମ୍ଭ ଏବଂ ପ୍ରୟୋଗ।

1. (1) ଏହି ଅଧିନିୟମ ମଜୁରି ପ୍ରଦାନ ଅଧିନିୟମ, 1936 ନାମରେ ଅଭିହିତ ଅଟେ ।

(2) ଏହା ଜାମ୍ମୁ ଏବଂ କାଶ୍ମୀର ରାଜ୍ୟ ବ୍ୟତୀତ ସମଗ୍ର ଭାରତ ପ୍ରତି ବିସ୍ତୃତ ଅଟେ ।

(3) କେନ୍ଦ୍ର ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଯେଉଁ ତାରିଖ ନିୟତ କରିବେ ଏହା ସେହି ତାରିଖରେ ପ୍ରବୃତ୍ତ ହେବ ।

(4) ଏହା ପ୍ରଥମତଃ କୌଣସି କାରଖାନାରେ ନିଯୁକ୍ତ ବ୍ୟକ୍ତିମାନଙ୍କୁ, ରେଳ ପ୍ରଶାସନ ଦ୍ୱାରା ବା ରେଳ ପ୍ରଶାସନ ସହ ଚୁକ୍ତି ପୂରଣ କରିଥିବା ବ୍ୟକ୍ତିଙ୍କ ଦ୍ୱାରା ପ୍ରତ୍ୟକ୍ଷଭାବେ ହେଉ ବା ଉପଠିକାଦାର ମାଧ୍ୟମରେ ହେଉ (କାରଖାନା ବିନା ଅନ୍ୟଥା) କୌଣସି ରେଳରେ ନିଯୁକ୍ତ ବ୍ୟକ୍ତିମାନଙ୍କୁ ଏବଂ ଧାରା 2ର ଖଣ୍ଡ (*ii*)ର ଉପଖଣ୍ଡ (କ)ରୁ (ଛ)ରେ ବିନିର୍ଦ୍ଦିଷ୍ଟ ହୋଇଥିବା କୌଣସି ଶିଳ୍ପ ପ୍ରତିଷ୍ଠାନ ବା ଅନ୍ୟ ପ୍ରତିଷ୍ଠାନରେ ନିଯୁକ୍ତ ବ୍ୟକ୍ତିମାନଙ୍କୁ ମଜୁରିର ପ୍ରଦାନ ପ୍ରତି ଲାଗୁ ଅଟେ ।

(5) ରାଜ୍ୟ ସରକାର ଏହି ଅଧିନିୟମର ଉପବନ୍ଧମାନ ବା ତହିଁର କୌଣସି ଉପବନ୍ଧ ଧାରା 2ର ଖଣ୍ଡ (*ii*)ର ଉପଖଣ୍ଡ (ଜ) ଅଧୀନରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବା କୌଣସି ରାଜ୍ୟ ସରକାରଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ କରାଯାଇଥିବା କୌଣସି ପ୍ରତିଷ୍ଠାନ ବା କୌଣସି ଶ୍ରେଣୀର ପ୍ରତିଷ୍ଠାନରେ ନିଯୁକ୍ତ କୌଣସି ଶ୍ରେଣୀର ବ୍ୟକ୍ତିଙ୍କୁ ମଜୁରି ପ୍ରଦାନ ପ୍ରତି ବିସ୍ତାର କରିବା ପାଇଁ ତାଙ୍କର ଅଭିପ୍ରାୟର ଏକ ତିନି ମାସିଆ ନୋଟିସ ଦେବା ପରେ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ସେ ରୂପ ବିସ୍ତାର କରିପାରିବେ :

ପରନ୍ତୁ କେନ୍ଦ୍ର ସରକାରଙ୍କର ସେପରି କୌଣସି ପ୍ରତିଷ୍ଠାନ ସଂପର୍କରେ ସେହି ସରକାରଙ୍କ ସହମତି ବ୍ୟତୀତ ସେଭଳି କୌଣସି ଅଧିସୂଚନା ଜାରି କରାଯିବ ନାହିଁ ।

(6) କୌଣସି ମଜୁରି କାଳାବଧି ବାବଦ ଦେୟ ମଜୁରି ଉକ୍ତ ମଜୁରି କାଳାବଧି ହିସାବରେ ମାସକୁ ହାରାହାରି ଏକ ହଜାର ଛଅ ଶହ ଟଙ୍କା ବା ତତୋଧିକ ହେଲେ ଏହି ଅଧିନିୟମରେ କୌଣସି ବିଷୟ ଉକ୍ତ ମଜୁରି ପ୍ରତି ଲାଗୁ ହେବ ନାହିଁ ।

ସଂଜ୍ଞା।

2. ବିଷୟ ବା ପ୍ରସଙ୍ଗରେ କୌଣସି ବିରୋଧି ନ ଥିଲେ ଏହି ଅଧିନିୟମରେ–

(*i*) "ନିଯୁକ୍ତ ବ୍ୟକ୍ତି" କୌଣସି ମୃତ ନିଯୁକ୍ତ ବ୍ୟକ୍ତିର ବୈଧ ପ୍ରତିନିଧିକୁ ଅନ୍ତର୍ଭୁକ୍ତ କରେ ,

(*i*କ) "ନିୟୋକ୍ତା" କୌଣସି ମୃତ ନିୟୋକ୍ତାର ବୈଧ ପ୍ରତିନିଧିକୁ ଅନ୍ତର୍ଭୁକ୍ତ କରେ,

(*i*ଖ) "କାରଖାନା"ର ଅର୍ଥ କାରଖାନା ଅଧିନିୟମ, 1948ର ଧାରା 2ର ଖଣ୍ଡ (ଡ)ରେ ସଂଜ୍ଞାକୃତ ହୋଇଥିବା-ମତେ କାରଖାନାକୁ ବୁଝାଏ ଏବଂ ତାହାର ଧାରା 85ର ଉପଧାରା (1) ଅଧୀନରେ ଯେଉଁ ସ୍ଥାନକୁ ସେହି ଅଧିନିୟମର ଉପବନ୍ଧମାନ ଲାଗୁ ହୋଇଅଛି ସେହି ସ୍ଥାନକୁ ଅନ୍ତର୍ଭୁକ୍ତ କରେ,

(*ii*) ଶିଳ୍ପପ୍ରତିଷ୍ଠାନ ବା ଅନ୍ୟ ପ୍ରତିଷ୍ଠାନ ଅର୍ଥ–

(କ) ଭଡ଼ା ବା ପାରିତୋଷିକରେ ରାସ୍ତାରେ ଯାତ୍ରୀ ବା ମାଲ ବା ଉଭୟ ବହନ କରିବାରେ ନିଯୁକ୍ତ ଥିବା ଟ୍ରାମ ସର୍ଭିସ ବା ମୋଟର ପରିବହନ ସର୍ଭିସ;

(କକ) ସଂଘର ସୈନ୍ୟବାହିନୀ, ନୌବାହିନୀ ବା ବିମାନବାହିନୀର ହୋଇଥିବା କିମ୍ବା କେବଳ ମାତ୍ର ତହିଁରେ ନିୟୋଜିତ ଥିବା ଅଥବା ଭାରତ ସରକାରଙ୍କ ସିଭିଲ ବିମାନ ବିଭାଗରେ ହୋଇଥିବା କିମ୍ବା କେବଳ ମାତ୍ର ତହିଁରେ ନିୟୋଜିତ ଥିବା ବିମାନ ପରିବହନ ସେବା ଭିନ୍ନ ଅନ୍ୟ ବିମାନ ପରିବହନ ସେବା ;

(ଖ) ଡକ୍ ବା ଘାଟ ବା ଜେଟି;

(ଗ) ଯନ୍ତ୍ରଚାଳିତ ଅନ୍ତର୍ଦେଶୀୟ ଜଳଯାନ;

(ଘ) ଉପରିଭାଗ ଖଣି ବା ତୈଳ କ୍ଷେତ୍ର;

(ଙ) ରୌପସ୍ଥଳୀ;

(ଚ) କର୍ମଶାଳା ବା ଅନ୍ୟ ସଂସ୍ଥା ଯହିଁରେ ପଦାର୍ଥମାନ ବ୍ୟବହାର ପରିବହନ ବା ବିକ୍ରୟ ଉଦ୍ଦେଶ୍ୟରେ ଉତ୍ପନ୍ନ ପ୍ରୟୋଜନାନୁରୂପ ବା ନିର୍ମିତ କରାଯାଏ ତାହା ;

(ଛ) କୌଣସି ସଂସ୍ଥା ଯହିଁରେ ପକ୍କା ଗୃହ, ରାସ୍ତା, ପୋଲ କିମ୍ବା କେନାଲମାନଙ୍କର ନିର୍ମାଣ, ଉନ୍ନୟନ, ରକ୍ଷଣାବେକ୍ଷଣ ସଂପର୍କରେ କିମ୍ବା ନୌପରିବହନ, ଜଳସେଚନ ବା ଜଳଯୋଗାଣ କାର୍ଯ୍ୟ ସହିତ ସଂପର୍କୀୟ କିମ୍ବା ବିଦ୍ୟୁତ୍ ବା ଅନ୍ୟ କୌଣସି ପ୍ରକାରର ଶକ୍ତିର ଉତ୍ପାଦନ ପାରେଷଣ ଏବଂ ବିତରଣ ସଂପର୍କୀୟ କୌଣସି କାର୍ଯ୍ୟ କରାଯାଇଥାଏ,

(ଜ) କୌଣସି ଅନ୍ୟ ପ୍ରତିଷ୍ଠାନ ବା କୌଣସି ଶ୍ରେଣୀର ପ୍ରତିଷ୍ଠାନ ଯାହା କେନ୍ଦ୍ର ସରକାର ବା କୌଣସି ରାଜ୍ୟ ସରକାର ତାହାର ପ୍ରକୃତି, ତହିଁରେ ନିଯୁକ୍ତ ବ୍ୟକ୍ତିମାନଙ୍କର ସୁରକ୍ଷା ପାଇଁ ଆବଶ୍ୟକତା ଏବଂ ଅନ୍ୟାନ୍ୟ ସୁସଙ୍ଗତ ପରିସ୍ଥିତି ପ୍ରତି ଧ୍ୟାନ ଦେଇ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ବିନିର୍ଦ୍ଦିଷ୍ଟ କରିପାରନ୍ତି ।

(*ii* କ) "ଖଣି" କହିଲେ ଖଣି ଅଧିନିୟମ, 1952ର ଧାରା 2ର ଉପଧାରା (1)ର ଖଣ୍ଡ (ଓ)ରେ ଏହାକୁ ଯେଉଁ ଅର୍ଥ ସମନୁଦେଶିତ କରାଯାଇଅଛି ସେହି ଅର୍ଥରେ ବୁଝିବାକୁ ହେବ,

(*iii*) "ରୌପ୍ୟସ୍ଥଳୀ" କହିଲେ ରୋପସ୍ଥଳୀ ଶ୍ରମ ଅଧିନିୟମ, 1951ର ଧାରା 2ର ଖଣ୍ଡ (ଚ)ରେ ଏହାକୁ ଯେଉଁ ଅର୍ଥ ସମନୁଦେଶିତ କରାଯାଇଅଛି ସେହି ଅର୍ଥରେ ବୁଝିବାକୁ ହେବ ।

(*iv*) "ବିହିତ" କହିଲେ ଏହି ଅଧିନିୟମ ଅଧୀନରେ ପ୍ରଣୀତ ନିୟମାବଳୀଦ୍ୱାରା ବିହିତକୁ ବୁଝାଏ,

(*v*) "ରେଳ ପ୍ରଶାସନ" କହିଲେ ଭାରତୀୟ ରେଳ ଅଧିନିୟମ, 1980ର ଧାରା 3ର ଖଣ୍ଡ 6 ରେ ଏହାକୁ ଯେଉଁ ଅର୍ଥ ସମନୁଦେଶିତ କରାଯାଇଅଛି ସେହି ଅର୍ଥରେ ବୁଝିବାକୁ ହେବ ।

(*vi*) "ମଜୁରି" ଅର୍ଥ ଟଙ୍କା ଆକାରରେ ଅଭିବ୍ୟକ୍ତ ହୋଇଥିବା ବା ସେ ରୂପେ ଅଭିବ୍ୟକ୍ତ ହୋଇପାରିବା ସମସ୍ତ ପାରିଶ୍ରମିକ (ହୁଏତ ଦରମାରୂପେ ହେଉ ବା ଭତ୍ତାରୂପେ ହେଉ ବା ଅନ୍ୟଥା) ଯାହାକି ନିୟୋଜନର ଅଭିବ୍ୟକ୍ତ ବା ବିବକ୍ଷିତ ନିବନ୍ଧନମାନ ପୂରଣ କରାଗଲେ କୌଣସି ନିୟୋଜିତ ବ୍ୟକ୍ତିଙ୍କୁ ତାହାର ନିୟୋଜନବାବଦ ବା ଏପରି ନିୟୋଜନରେ ଥାଇ କରିଥିବା କାର୍ଯ୍ୟ ବାବଦ ପ୍ରଦେୟ ହୁଏ ଏବଂ ନିମ୍ନଲିଖିତ ବିଷୟ ତହିଁର ଅନ୍ତର୍ଗତ ଅଟେ—

(କ) କୌଣସି ଅଧିନିର୍ଣ୍ଣୟ ଅଧୀନରେ ବା ପକ୍ଷମାନଙ୍କ ମଧ୍ୟରେ ହୋଇଥିବା ମୀମାଂସା ଅଧୀନରେ ନ୍ୟାୟାଳୟଙ୍କ ଆଦେଶ ଅଧୀନରେ ପ୍ରଦେୟ କୌଣସି ପାରିଶ୍ରମିକ,

(ଖ) କୌଣସି ପାରିଶ୍ରମିକ ଯାହା ନିଯୁକ୍ତ ହୋଇଥିବା ବ୍ୟକ୍ତି ଅତିକାଳିକ କାର୍ଯ୍ୟ ବା ଛୁଟିଦିନ ବା କୌଣସି ଛୁଟିକାଳ ସଂକ୍ରାନ୍ତରେ ପାଇବାକୁ ହକ୍‌ଦାର ଅଟେ,

(ଗ) ନିଯୁକ୍ତ ନିବନ୍ଧନ ଅଧୀନରେ (ବୋନସ ନାମରେ ହେଉ ବା ଅନ୍ୟ ନାମରେ ନାମିତ ହୋଇଥାଉ) ପ୍ରଦେୟ କୌଣସି ଅତିରିକ୍ତ ପାରିଶ୍ରମିକ,

(ଘ) କୌଣସି ଧନରାଶି ଯାହାକି ନିଯୁକ୍ତ ବ୍ୟକ୍ତିର ନିଯୁକ୍ତିର ପର୍ଯ୍ୟବସାନ କାରଣରୁ ଏପରି କୌଣସି ବିଧି ସଂବିଦା ବା ଲିଖିତ ଅଧୀନରେ ପ୍ରଦେୟ ହୋଇଥିବ ଯାହାକି କାଟ ସହ ବା ବିନା କାଟରେ ସେପରି ଧନରାଶିର ପ୍ରଦାନ ପାଇଁ ଉପବନ୍ଧିତ କରିଥାଏ, କିନ୍ତୁ କେଉଁ ସମୟ ମଧ୍ୟରେ ପ୍ରଦାନ କରାଯିବ ତାହା ଉପବନ୍ଧିତ କରି ନ ଥାଏ,

(ଙ) କୌଣସି ଧନରାଶି ଯାହା ପାଇବାକୁ ନିୟୋଜିତ ବ୍ୟକ୍ତି ତତ୍‌ସମୟ ପ୍ରବୃତ୍ତ କୌଣସି ବିଧି ଅଧୀନରେ ପ୍ରସ୍ତୁତ କୌଣସି ପରିକଳ୍ପନା ଅଧୀନରେ ହକ୍‌ଦାର ଅଟେ,

କିନ୍ତୁ ନିମ୍ନଲିଖିତ ବିଷୟ ତହିଁର ଅନ୍ତର୍ଗତ ନୁହେଁ:—

(1) କୌଣସି ବୋନସ୍ (ଲାଭର ଏକ ଅଂଶ ବାଣ୍ଟିବାର ଏକ ପରିକଳ୍ପନା ଅଧୀନରେ ହେଉ ବା ଅନ୍ୟଥା ହେଉ) ଯାହାକି ନିଯୁକ୍ତି ନିବନ୍ଧନ ଅଧୀନରେ ପ୍ରଦେୟ ପାରିଶ୍ରମିକର ଅଂଶ ନୁହେଁ ବା ଯାହା କୌଣସି ଅଧିନିର୍ଣ୍ଣୟ ଅଧୀନରେ ବା ପକ୍ଷମାନଙ୍କ ମଧ୍ୟରେ ହୋଇଥିବା ମୀମାଂସା ଅଧୀନରେ ବା ନ୍ୟାୟାଳୟର ଆଦେଶ ଅଧୀନରେ ପ୍ରଦେୟ ନୁହେଁ,

(2) ରାଜ୍ୟ ସରକାରଙ୍କର ସାଧାରଣ ବା ବିଶେଷ ଆଦେଶଦ୍ୱାରା ମଜୁରି ସଙ୍ଗଣନାରୁ ବାଦ ଦିଆଯାଉଥିବା କୌଣସି ବାସବ୍ୟବସ୍ଥାର ବା ଆଲୋକର, ଜଳ ଯୋଗାଣର, ଡାକ୍ତରୀ ପରିଚର୍ଯ୍ୟାର ବା ଅନ୍ୟ ସୁଖ ସୁବିଧାର କିମ୍ବା ଅନ୍ୟ କୌଣସି ସେବାର ମୂଲ୍ୟ,

(3) ନିଯୋକ୍ତାଙ୍କ ଦ୍ୱାରା କୌଣସି ପେନ୍‌ସନ୍ ବା ଭବିଷ୍ୟନିଧି ବାବଦ ଦିଆଯାଇଥିବା ଅଂଶଦାନ ଏବଂ ତା ଉପରେ ଉଦ୍‌ଭୂତ ସୁଧ,

(4) କୌଣସି ଗସ୍ତଖର୍ଚ୍ଚ ବା କୌଣସି ଗସ୍ତ ରିଆତିର ମୂଲ୍ୟ,

(5) ନିଯୋଜନରେ ପ୍ରକୃତିଦୃଷ୍ଟେ ନିଯୁକ୍ତ ବ୍ୟକ୍ତିଙ୍କ ପ୍ରତି ଆବଶ୍ୟକ ହେଉଥିବା ସ୍ୱତନ୍ତ୍ର ଖର୍ଚ୍ଚ ମେଣ୍ଟାଇବାକୁ ଦିଆହୋଇଥିବା କୌଣସି ଧନରାଶି, କିମ୍ବା

(6) ଉପଖଣ୍ଡ (ଘ)ରେ ବିନିର୍ଦ୍ଦିଷ୍ଟ ମାମଲା ଭିନ୍ନ ଅନ୍ୟ ନିଯୁକ୍ତିର ପର୍ଯ୍ୟବସାନରେ ପ୍ରଦେୟ କୌଣସି ଉପଦାନ ।

ମଜୁରି ପ୍ରଦାନର ଦାୟିତ୍ୱ ।

3. ପ୍ରତ୍ୟେକ ନିଯୋକ୍ତା ତାଙ୍କଦ୍ୱାରା ନିଯୋଜିତ ବ୍ୟକ୍ତିମାନଙ୍କୁ ଏହି ଅଧିନିୟମ ଅଧୀନରେ ନେବାପାଇଁ ଆବଶ୍ୟକ ହେଉଥିବା ସମସ୍ତ ମଜୁରିର ପ୍ରଦାନପାଇଁ ଦାୟୀ ହେବେ:

ପରନ୍ତୁ, ଠିକାଦାରଙ୍କ ଦ୍ୱାରା ନିଯୋଜିତ ନ ହୋଇ ଅନ୍ୟଥା ନିଯୋଜିତ ବ୍ୟକ୍ତିମାନେ:—

(କ) କାରଖାନାମାନଙ୍କରେ ନିଯୋଜିତ ହୋଇଥିବା ସ୍ଥଳେ ଯଦି କୌଣସି ବ୍ୟକ୍ତି କାରଖାନା ଅଧିନିୟମ, 1948ର ଧାରା 7ର ଉପଧାରା (1)ର ଖଣ୍ଡ (ଚ) ଅଧୀନରେ କାରଖାନାର ମ୍ୟାନେଜରଭାବେ ନାମିତ ହୋଇଥାନ୍ତି,

(ଖ) ଶିଳ୍ପ ସଂସ୍ଥାମାନଙ୍କରେ ନିଯୋଜିତ ହୋଇଥିବା ସ୍ଥଳେ ଯଦି ଶିଳ୍ପ ସଂସ୍ଥାର ଅଧୀକ୍ଷଣ ଏବଂ ନିୟନ୍ତ୍ରଣ ନିମିତ୍ତ କୌଣସି ବ୍ୟକ୍ତି ନିଯୋକ୍ତାଙ୍କ ନିକଟରେ ଦାୟୀ ରହିଥାନ୍ତି,

(ଗ) ରେଳବାଇରେ (କାରଖାନାଭିନ୍ନ ଅନ୍ୟତ୍ର) ନିଯୋଜିତ ହୋଇଥିବାସ୍ଥଳେ ଯଦି ରେଳବାଇ ପ୍ରଶାସନ ହିଁ ନିଯୋକ୍ତା ହୋଇଥାଏ ଏବଂ ରେଳବାଇର ପ୍ରଶାସନ କୌଣସି ବ୍ୟକ୍ତିଙ୍କୁ ସଂପୃକ୍ତ ସ୍ଥାନୀୟ ଅଞ୍ଚଳ ପାଇଁ ଏଥିନିମିତ୍ତ ମନୋନୀତ କରିଥାଏ,

ତାହାହେଲେ, ଯଥାସ୍ଥିତି, ସେପରି ନାମିତ ବ୍ୟକ୍ତିର ନିଯୋକ୍ତାଙ୍କ ନିକଟରେ ସେପରି ଦାୟୀ ଥିବା ବ୍ୟକ୍ତି ସେପରି ମନୋନୀତ ବ୍ୟକ୍ତି ସେପରି ପ୍ରଦାନ ପାଇଁ ମଧ୍ୟ ଦାୟୀ ରହିବେ ।

ମଜୁରି କାଳାବଧିର ସ୍ଥିରୀକରଣ ।

4. (1) ଧାରା 3 ଅନୁଯାୟୀ ମଜୁରି ପ୍ରଦାନ ପାଇଁ ଦାୟୀ ଥିବା ପ୍ରତ୍ୟେକ ବ୍ୟକ୍ତି ସେପରି ମଜୁରି ଯେଉଁ କାଳାବଧି ନିମିତ୍ତ ପ୍ରଦେୟ ହେବେ ସେହି କାଳାବଧି (ଏହି ଅଧିନିୟମରେ ମଜୁରି କାଳାବଧିଭାବେ ନିର୍ଦ୍ଦେଶିତ) ସ୍ଥିର କରିବେ ।

(2) କୌଣସି ମଜୁରି କାଳାବଧି ଏକମାସରୁ ଅଧିକ ହେବନାହିଁ ।

ମଜୁରି ସଂଦାୟ ପାଇଁ ସମୟ ।

5. (1) ପ୍ରତ୍ୟେକ ବ୍ୟକ୍ତିଙ୍କର ମଜୁରି,

(କ) ସେହି ବ୍ୟକ୍ତି ଏକ ହଜାରରୁ କମ ବ୍ୟକ୍ତି ନିଯୋଜିତ ହୋଇଥିବା କୌଣସି ରେଳ ବା କାରଖାନା ବା ଶିଳ୍ପ ସଂସ୍ଥାରେ ନିଯୋଜିତ ହୋଇଥିବାସ୍ଥଳେ ଯେଉଁ ମଜୁରି କାଳାବଧି ପାଇଁ ମଜୁରି ପ୍ରଦେୟ ହୋଇଥିବ ସେହି କାଳାବଧିର ଶେଷ ଦିବସଠାରୁ ସପ୍ତମ ଦିବସ ଗତ ହେବା ପୂର୍ବରୁ ଦିଆଯିବ ।

(ଖ) ସେହି ବ୍ୟକ୍ତି ଅନ୍ୟ କୌଣସି ରେଳବାଇ କାରଖାନା ବା ଶିଳ୍ପ ସଂସ୍ଥାରେ ନିଯୋଜିତ ହୋଇଥିବା ସ୍ଥଳେ ଯେଉଁ ମଜୁରି କଳାବଧି ପାଇଁ ମଜୁରି ପ୍ରଦେୟ ହୋଇଥିବ ସେହି କାଳାବଧିର ଶେଷ ଦିବସଠାରୁ ଦଶମ ଦିବସ ଗତ ହେବା ପୂର୍ବରୁ ଦିଆଯିବ:

ପରନ୍ତୁ, କୌଣସି ଡକ୍, ଘାଟ ବା ଜେଟିରେ ବା କୌଣସି ଖଣିରେ ନିଯୁକ୍ତି ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଯଥାସ୍ଥିତି, ବୋଝେଇ ହୋଇଥିବା ବା ଖାଲି ହୋଇଥିବା ଜାହାଜ ବା ଓ୍ୱାଗନର ଚୂଡ଼ାନ୍ତ ଟନଭର ହିସାବ ସଂପୂର୍ଣ୍ଣ ହେବାପରେ ଦେୟ ହେଉଥିବା ଅବଶିଷ୍ଟ ମଜୁରି, ସେପରୁ ସଂପୂର୍ଣ୍ଣ ହେବାର ସପ୍ତମ ଦିବସ ଗତ ହେବା ପୂର୍ବରୁ ମଜୁରି ଦିଆଯିବ ।

(2) ଯେଉଁଠାରେ ନିଯୋକ୍ତା ଦ୍ୱାରା ବା ତରଫରୁ କୌଣସି ବ୍ୟକ୍ତିର ନିଯୁକ୍ତି ପର୍ଯ୍ୟବସିତ ହୁଏ ସେ ସ୍ଥଳେ ସେହି ବ୍ୟକ୍ତି ଦ୍ୱାରା ରୋଜଗାର କରଯାଇଥିବା ମଜୁରି ତାହାର ନିଯୁକ୍ତି ପର୍ଯ୍ୟବସିତ ହେବାଠାରୁ ଦ୍ୱିତୀୟ କାର୍ଯ୍ୟକାରୀ ଦିବସ ଗତ ହେବା ପର୍ବରୁ ଦିଆହେବ:

ପରନ୍ତୁ, ଯେଉଁଠାରେ ସାପ୍ତାହିକ ବା ଅନ୍ୟ ସ୍ୱୀକୃତ ଛୁଟି ଦିବସ ଭିନ୍ନ ଅନ୍ୟ କାରଣ ପାଇଁ ସଂସ୍ଥା ବନ୍ଦ ହେବା ଯୋଗୁଁ ସଂସ୍ଥାରେ କୌଣସି ବ୍ୟକ୍ତିଙ୍କର ନିଯୁକ୍ତି ପର୍ଯ୍ୟବସିତ ହୁଏ ସେ ସ୍ଥଳେ ତାଙ୍କ ଦ୍ୱାରା ରୋଜଗାର କରାଯାଇଥିବା ମଜୁରି ତାଙ୍କ ନିୟୋଜନ ପର୍ଯ୍ୟବସିତ ହେବାଠାରୁ ଦ୍ୱିତୀୟ ଦିନର ଅବସାନ ପୂର୍ବରୁ ଦିଆଯିବ ।

(3) ରାଜ୍ୟ ସରକାର ସାଧାରଣ ବା ବିଶେଷ ଆଦେଶ ଦ୍ୱାରା ଆଦେଶରେ ଯେପରି ବିନିର୍ଦ୍ଦିଷ୍ଟ ହୋଇଥିବ ସେପରି ପରିମାଣ ପର୍ଯ୍ୟନ୍ତ ଏବଂ ସେପରି ସର୍ତ୍ତାବଳୀର ସାପେକ୍ଷତାରେ (କାରଖାନାଭିନ୍ନ ଅନ୍ୟତ୍ର) କୌଣସି ରେଳବାଇରେ ନିୟୋଜିତ ବ୍ୟକ୍ତିମାନଙ୍କୁ ବା କେନ୍ଦ୍ର ସରକାର ବା ରାଜ୍ୟ ସରକାରଙ୍କର ସରକାରୀ ପୂର୍ତ୍ତ ବିଭାଗରେ ଦିନ ମଜୁରିଆଭାବେ ନିୟୋଜିତ ବ୍ୟକ୍ତିମାନଙ୍କୁ ମଜୁରି ପ୍ରଦାନ ପାଇଁ ଦାୟୀ ଥିବା ବ୍ୟକ୍ତିଙ୍କୁ ଏପରି କୌଣସି ବ୍ୟକ୍ତି ବା ଏପରି ବ୍ୟକ୍ତିବର୍ଗଙ୍କର ମଜୁରି ସଂକ୍ରାନ୍ତରେ ଏହି ଧାରାର ପ୍ରବର୍ତ୍ତନରୁ ଅବ୍ୟାହତି ଦେଇ ପାରିବେ:

ପରନ୍ତୁ, ଉପରୋକ୍ତ ପ୍ରକାରେ ଦିନ ମଜୁରିଆଭାବେ ନିୟୋଜିତ ବ୍ୟକ୍ତିମାନଙ୍କ ସ୍ଥଳେ କେନ୍ଦ୍ର ସରକାରଙ୍କ ପରାମର୍ଶ ବିନା ସେପରି କୌଣସି ଆଦେଶ କରାଯିବ ନାହିଁ ।

(4) ଉପଧାରା (2)ରେ ଅନ୍ୟଥା ଉପବନ୍ଧିତ ହୋଇଥିବା ଭିନ୍ନ ମଜୁରିର ସମସ୍ତ ପ୍ରଦାନ କାର୍ଯ୍ୟ ଦିବସମାନଙ୍କରେ କରାଯିବ ।

*ଚଳନ୍ତି ମୁଦ୍ରାରେ ବା ଚଳନ୍ତି ନୋଟରେ ମଜୁରି ଦିଆଯିବ ।*

6. ସମସ୍ତ ମଜୁରି ଚଳନ୍ତି ମୁଦ୍ରା ବା ଚଳନ୍ତି ନୋଟ ବା ଉଭୟରେ ଦିଆଯିବ:

ପରନ୍ତୁ, ନିୟୋକ୍ତା ନିୟୋଜିତ ବ୍ୟକ୍ତିଠାରୁ ଲିଖିତ ପ୍ରାଧିକାର ପାଇଲେ ତାଙ୍କର ମଜୁରି ଚେକ୍ ଦ୍ୱାରା ଦେଇ ପାରିବେ ବା ତାଙ୍କର ବ୍ୟାଙ୍କ ହିସାବରେ ଜମା କରିପାରିବେ ।

*ମଜୁରିରୁ କରା ହୋଇ ପାରିବା କାଟ ।*

7. (1) ଭାରତୀୟ ରେଳ ଅଧିନିୟମ, 1990ର ଧାରା 47ର ଉପଧାରା (2)ର ଉପବନ୍ଧ ସତ୍ତ୍ୱେ ଏହି ଅଧିନିୟମ ଦ୍ୱାରା ବା ଅଧୀନରେ ଯାହା ପ୍ରାଧିକୃତ ହୋଇଥିବ ତାହା ବ୍ୟତିରେକେ କୌଣସି ପ୍ରକାର କାଟ ନ ହୋଇ ଜଣେ ନିୟୋଜିତ ବ୍ୟକ୍ତିଙ୍କୁ ତାଙ୍କର ମଜୁରି ଦିଆହେବ ।

ସ୍ପଷ୍ଟୀକରଣ—I. ନିୟୋକ୍ତା ବା ତାଙ୍କର ଏଜେଣ୍ଟଙ୍କୁ ନିୟୋଜିତ ବ୍ୟକ୍ତିଙ୍କ ଦ୍ୱାରା କରା ହୋଇଥିବା ପ୍ରତ୍ୟେକ ପ୍ରଦାନ ମଜୁରିରୁ କାଟ ବୋଲି ବିବେଚିତ ହେବ ।

ସ୍ପଷ୍ଟୀକରଣ—II: ଉତ୍ତମ ଓ ପର୍ଯ୍ୟାପ୍ତ କାରଣ ଥିଲେ କୌଣସି ନିୟୋଜିତ ବ୍ୟକ୍ତି ଉପରେ ନିମ୍ନୋକ୍ତ କୌଣସି ଶାସ୍ତି, ଯଥା:—

(*i*) ଦକ୍ଷତା ପ୍ରତିବନ୍ଧରେ ବେତନ ବୃଦ୍ଧି ବନ୍ଦ ସମେତ ବେତନ ବୃଦ୍ଧି ବା ପଦୋନ୍ନତିର ଅଟକ,

(*ii*) ନିମ୍ନତର ପଦକୁ ବା କାଳ ବେତନମାନଙ୍କୁ କିମ୍ବା କାଳ ବେତନମାନଙ୍କୁ କୌଣସି ନିମ୍ନତର ପ୍ରକ୍ରମକୁ ଅବନତି, କିମ୍ବା

(*iii*) ନିଲମ୍ବନ,

ଆରୋପ କରାଗଲେ ମଜୁରିରେ ଯେଉଁ ହାନି ହେବ ତାହା ଏପରି କୌଣସି କ୍ଷେତ୍ରରେ ମଜୁରିକାଟ ବୋଲି ବିବେଚିତ ହେବନାହିଁ ଯେଉଁ କ୍ଷେତ୍ରରେ କି ଏପରି ଶାସ୍ତି ଆରୋପ କରାଯିବା ପାଇଁ ନିୟୋକ୍ତାଙ୍କ ଦ୍ୱାରା ପ୍ରଣୀତ ନିୟମାବଳୀ ରାଜ୍ୟ ସରକାରଙ୍କ ଦ୍ୱାରା ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଏଥିନିମିତ୍ତ ବିନିର୍ଦ୍ଦିଷ୍ଟ ହୋଇଥିବା ଆବଶ୍ୟକତା ଯଦି କିଛି ଥାଏ ତାହା ଅନୁରୂପ ହୋଇଥାଏ ।

(2) ନିୟୋଜିତ ବ୍ୟକ୍ତିଙ୍କ ମଜୁରିରୁ କାଟ କେବଳ ଏହି ଅଧିନିୟମର ଉପବନ୍ଧ ଅନୁସାରେ କରାହେବ ଏବଂ କେବଳ ନିମ୍ନୋକ୍ତ ପ୍ରକାରର ହୋଇପାରିବ, ଯଥା:

(କ) ଜୋରିମାନା;

(ଖ) କର୍ତ୍ତବ୍ୟରୁ ଅନୁପସ୍ଥିତି ପାଇଁ କାଟ;

(ଗ) ନିୟୋଜିତ ବ୍ୟକ୍ତିଙ୍କ ଅଭିରକ୍ଷା ପାଇଁ ଅଭିବ୍ୟକ୍ତରୂପେ ନ୍ୟସ୍ତ ମାଲର ଲୋକସାନ ବା କ୍ଷତି ଘଟିଲେ କିମ୍ବା ଯେଉଁ ଟଙ୍କାର ସେ ହିସାବ ଦେବା ଆବଶ୍ୟକ ସେହି ଟଙ୍କାର କ୍ଷତି ଘଟିଲେ ଯଦି ସେପରି ଲୋକସାନ ବା କ୍ଷତି ତାଙ୍କର ଅବହେଳା ବା ତ୍ରୁଟି ପ୍ରତି ପ୍ରତ୍ୟକ୍ଷଭାବରେ ଆରୋପଣୀୟ ହୁଏ ତେବେ ସେହି ଲୋକସାନ ବା କ୍ଷତି ପାଇଁ କାଟ;

(ଘ) ନିଯୋକ୍ତା ଦ୍ୱାରା କିମ୍ବା ସରକାରଙ୍କ ଦ୍ୱାରା କିମ୍ବା ତତ୍‌ସମୟ ପ୍ରବୃତ୍ତ କୌଣସି ବିଧି ଅଧୀନରେ କରାଯାଇଥିବା କୌଣସି ଆବାସନ ବୋର୍ଡ ଦ୍ୱାରା (ସରକାର ବା ବୋର୍ଡ ନିଯୋକ୍ତା ହୁଅନ୍ତୁ ବା ନ ହୁଅନ୍ତୁ) କିମ୍ବା ଗୃହବାସ ସୁବିଧା ପାଇଁ ସହାୟିକୀ ଦେବା କରିବାରେ ଲିପ୍ତ ଥିବା ଅନ୍ୟ କୌଣସି ଏପରି ପ୍ରାଧିକାରୀ ଯେ କି ରାଜ୍ୟ ସରକାରଙ୍କ ଦ୍ୱାରା ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଏଥିନିମିତ୍ତ ବିନିର୍ଦ୍ଦିଷ୍ଟ ହୋଇଥିବେ ତାଙ୍କ ଦ୍ୱାରା ଦିଆ ଯାଇଥିବା ଆବାସ ବ୍ୟବସ୍ଥା ପାଇଁ କାଟ;

(ଙ) ରାଜ୍ୟ ସରକାର ବା ଏଥିନିମିତ୍ତ ବିନିର୍ଦ୍ଦିଷ୍ଟ କୌଣସି ଅଧିକାରୀ ସାଧାରଣ ବା ବିଶେଷ ଆଦେଶ ଦ୍ୱାରା ପ୍ରାଧିକୃତ କରିଥିବାମତେ ନିଯୋକ୍ତା ଦ୍ୱାରା ଦିଆ ହୋଇଥିବା ସୁଖ ସୁବିଧା ଏବଂ ସେବା ପାଇଁ କାଟ ।

ସ୍ପଷ୍ଟୀକରଣ—ଏହି ଖଣ୍ଡରେ ଥିବା "ସେବା" ଶବ୍ଦ ନିୟୋଜନର ପ୍ରୟୋଜନ ନିମିତ୍ତ ଆବଶ୍ୟକ ହେଉଥିବା ହାତ ହତିଆର ଓ କଞ୍ଚାମାଲର ଯୋଗାଣକୁ ଅନ୍ତର୍ଭୁକ୍ତ କରେ ନାହିଁ ।

(ଚ) ଗସ୍ତ ଭତ୍ତା ବା ବାହନ ଭତ୍ତା ସମେତ ଯେକୌଣସି ପ୍ରକାରର ଅଗ୍ରୀମ ଏବଂ ତାହା ସଂକ୍ରାନ୍ତରେ ଦେୟ ସୁଧର ଆଦାୟ ପାଇଁ କିମ୍ବା ମଜୁରି ଅଧିକା ପ୍ରଦାନର ସମାଯୋଜନ ପାଇଁ କାଟ ;

(ଚଚ) ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ନିୟମାବଳୀ ଅନୁସାରେ ଶ୍ରମିକ କଲ୍ୟାଣ ପାଇଁ ଗଠିତ କୌଣସି ନିଧିରୁ କରାହୋଇଥିବା ଋଣର ଏବଂ ତାହା ସଂକ୍ରାନ୍ତରେ ଦେୟ ସୁଧ ପାଇଁ କାଟ ;

(ଚଚଚ) ଗୃହ ନିର୍ମାଣ ପାଇଁ ବା ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଅନ୍ୟ ଉଦ୍ଦେଶ୍ୟରେ ଅନୁମୋଦିତ ଋଣ ଏବଂ ତାହା ସଂକ୍ରାନ୍ତରେ ଦେୟ ସୁଧର ଆଦାୟ ପାଇଁ କାଟ ;

(ଛ) ନିୟୋଜିତ ବ୍ୟକ୍ତି ଦ୍ୱାରା ଦେୟ ଆୟକରର କାଟ;

(ଜ) ନ୍ୟାୟାଳୟଙ୍କ ବା ସେପରି ଆଦେଶ କରିବାକୁ ସମର୍ଥ ଅନ୍ୟ ପ୍ରାଧିକାରୀଙ୍କ ଆଦେଶ ଦ୍ୱାରା ଆବଶ୍ୟକ କରାଯିବା କାଟ;

(ଝ) ଭବିଷ୍ୟନିଧି ଅଧିନିୟମ, 1925 ଲାଗୁ ହେଉଥିବା କୌଣସି ଭବିଷ୍ୟନିଧିରୁ କିମ୍ବା ଭାରତୀୟ ଆୟକର ଅଧିନିୟମ, 1922 ର ଧାରା 58-କ ରେ ସଂଜ୍ଞାକୃତ ହୋଇଥିବାମତେ କୌଣସି ସ୍ୱୀକୃତ ଭବିଷ୍ୟନିଧିରୁ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଏଥିନିମିତ୍ତ ଅନୁମୋଦିତ କୌଣସି ଭବିଷ୍ୟନିଧିର ଉକ୍ତ ଅନୁମୋଦନ ଚାଲୁ ରହିଥିବା ସମୟ ମଧ୍ୟରେ ଅଭିଦାନ ପାଇଁ ଏବଂ ଅଗ୍ରିମର ପ୍ରତିସଂଦାୟ ପାଇଁ କାଟ;

(ଞ) ରାଜ୍ୟ ସରକାରଙ୍କ ଦ୍ୱାରା ବା ଏଥିନିମିତ୍ତ ତାଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ କୌଣସି ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ ସମବାୟ ସମିତିକୁ ବା ଭାରତୀୟ ଡାକଘର ଦ୍ୱାରା ରକ୍ଷିତ ବୀମା ପରିକଳ୍ପନାକୁ ପ୍ରଦାନ ପାଇଁ କାଟ;

(ଟ) ଜୀବନ ବୀମା ନିଗମ ଅଧିନିୟମ, 1956 ଅଧୀନରେ ସ୍ଥାପିତ ଭାରତର ଜୀବନ ବୀମା ନିଗମକୁ ବା ନିୟୋଜିତ ବ୍ୟକ୍ତିଙ୍କ ଜୀବନ ବୀମା ପତ୍ର ଉପରେ କୌଣସି ପ୍ରିମିୟମର ପ୍ରଦାନ ପାଇଁ କିମ୍ବା ଭାରତ ସରକାରଙ୍କର ବା କୌଣସି ରାଜ୍ୟ ସରକାରଙ୍କର ପ୍ରତିଭୂତି କ୍ରୟ କରିବାପାଇଁ ସେପରି କୌଣସି ସରକାରଙ୍କର କୌଣସି ସଞ୍ଚୟ ପରିକଳ୍ପନାର ଉନ୍ନତି ସାଧନରେ କୌଣସି ଡାକଘର ସଞ୍ଚୟ ବ୍ୟାଙ୍କରେ ଜମା ଦିଆଯିବା ପାଇଁ ସେହି ବ୍ୟକ୍ତିଙ୍କ ଲିଖିତ ପ୍ରାଧିକାର ବଳରେ କରାଯାଇଥିବା କାଟ;

(ଟଟ) ନିୟୋଜିତ ବ୍ୟକ୍ତିମାନଙ୍କ ବା ସେମାନଙ୍କ ପରିବାରର ଲୋକମାନଙ୍କ ବା ଉଭୟଙ୍କ କଲ୍ୟାଣ ସକାଶେ ନିଯୋକ୍ତାଙ୍କ ଦ୍ୱାରା ବା ଟ୍ରେଡ୍ ୟୁନିୟନ ଅଧିନିୟମ, 1926 ଅନୁଯାୟୀ ରେଜିଷ୍ଟ୍ରିକୃତ ଏକ ଟ୍ରେଡ୍ ୟୁନିୟନ ଦ୍ୱାରା ଗଠିତ ଓ ରାଜ୍ୟ ସରକାର ବା ଏତଦ୍‌ଉପଲକ୍ଷେ ବିନିର୍ଦ୍ଦିଷ୍ଟ କୌଣସି ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ କୌଣସି ପାଣ୍ଠିକୁ ତାଙ୍କ ଅଂଶଦାନ ପ୍ରଦାନ ନିମନ୍ତେ ନିୟୋଜିତ ବ୍ୟକ୍ତିଙ୍କ ଲିଖିତ ପ୍ରାଧିକାର କ୍ରମେ, ସେପରି ଅନୁମୋଦନ ଚାଲୁ ରହିଥିବା ସମୟରେ କରାଯାଇଥିବା କାଟ;

(ଟଟଟ) ଟ୍ରେଡ୍ ୟୁନିୟନ ଅଧିନିୟମ, 1926 ଅନୁଯାୟୀ ରେଜିଷ୍ଟ୍ରିକୃତ କୌଣସି ଟ୍ରେଡ୍ ୟୁନିୟନର ସଦସ୍ୟପଦ ନିମନ୍ତେ ତାଙ୍କ ଦ୍ୱାରା ପ୍ରଦେୟ କୌଣସି ଫିସ୍‌ର ପ୍ରଦାନ ସକାଶେ ନିୟୋଜିତ ବ୍ୟକ୍ତିଙ୍କ ଲିଖିତ ପ୍ରାଧିକାର କ୍ରମେ କରାଯାଇଥିବା କାଟ;

(ଠ) ବିଶ୍ୱସ୍ତତା ପ୍ରତ୍ୟାଭୂତି ବନ୍ଧପତ୍ର ଉପରେ ବୀମା ପ୍ରିମିୟମ ପ୍ରଦାନ କରାଯିବା ପାଇଁ କାଟ;

(ଡ) ନିୟୋଜିତ ବ୍ୟକ୍ତିମାନେ ନକଲି ବା ଗିଲ ମୁଦ୍ରା କିମ୍ବା ବିକୃତ ବା ଜାଲକୃତ ନୋଟ ଗ୍ରହଣ କରିଥିବା ହେତୁ ରେଳ ପ୍ରଶାସନର ଘଟିଥିବା କ୍ଷତିର ଆଦାୟ ପାଇଁ କାଟ;

(ଢ଼) କୌଣସି ରେଳ ପ୍ରଶାସନକୁ ଶୋଧ୍ୟ ସମୁଚିତ ପଭାର ଯାହାକି ହୁଏତ ଯାତ୍ରାଭଡ଼ା, ମାଲଭଡ଼ା, ଡ୍ରିମରେଜ, ଚରଣସ୍ଥାନ ମାହାସୁଲ ବା କ୍ରେନ ଭଡ଼ା ବାବଦରେ ହୋଇଥିବ ବା ଆହାର ସଂସ୍ଥାରେ ଖାଦ୍ୟ ପଦାର୍ଥ ବିକ୍ରୟ ବାବଦ ହୋଇଥିବ କିମ୍ବା ଶସ୍ୟ ଦୋକାନରେ ଥିବା ପଦାର୍ଥମାନଙ୍କ ବିକ୍ରୟ ବାବଦରେ ହୋଇଥିବ ବା ଅନ୍ୟଥା ହୋଇଥିବ ତାହାର ବୀଜକ ତିଆରିବାରେ ବିଲ୍ ତିଆରିବାରେ ଅସୁଲ କରିବାରେ ବା ତାହାଁର ହିସାବ ଦେବାରେ ନିୟୋଜିତ ବ୍ୟକ୍ତିର ଅସଫଳତା ହେତୁ ସେହି ପ୍ରଶାସନର ଘଟିଥିବା କ୍ଷତି ଅସୁଲ କରାଯିବା ପାଇଁ କାଟ;

(ଣ) ନିୟୋଜିତ ବ୍ୟକ୍ତି ଦ୍ୱାରା ଭୁଲରେ ଦିଆଯାଇଥିବା କୌଣସି ରିଆତି ବା ଫେରସ୍ତ ହେତୁ ରେଳ ପ୍ରଶାସନର ଘଟିଥିବା କ୍ଷତି ପାଇଁ କାଟ ଯେଉଁଠାରେ ସେପରି କ୍ଷତି ପ୍ରତ୍ୟକ୍ଷ ଭାବରେ ତାହାର ଅବହେଳା ବା ତ୍ରୁଟି ପ୍ରତି ଆରୋପଣୀୟ ଅଟେ;

(ତ) ନିୟୋଜିତ ବ୍ୟକ୍ତିଙ୍କ ଲିଖିତ ପ୍ରାଧିକାର ବଳରେ ପ୍ରଧାନମନ୍ତ୍ରୀଙ୍କ ରାଷ୍ଟ୍ରୀୟ ସହାୟତା ନିଧିକୁ କିମ୍ବା କେନ୍ଦ୍ର ସରକାର ସରକାରୀ ଗେଜେଟ୍‌ରେ ଅଧିସୂଚନା ଦ୍ୱାରା ବିନିର୍ଦ୍ଦିଷ୍ଟ କରିବାମତେ ଅନ୍ୟ କୌଣସି ନିଧିକୁ କରାଯାଇଥିବା କାଟ;

(ଥ) କେନ୍ଦ୍ର ସରକାରଙ୍କଦ୍ୱାରା ତାହାଙ୍କ କର୍ମଚାରୀଙ୍କ ହିତ ପାଇଁ ପ୍ରସ୍ତୁତ କରାଯାଇଥିବା କୌଣସି ବୀମା ପରିକଳ୍ପନାକୁ ଅଂଶଦାନ ନିମନ୍ତେ କାଟ;

(3) ଏହି ଅଧିନିୟମରେ ଯେକୌଣସି ବିଷୟଥିବା ସତ୍ତ୍ୱେ, କୌଣସି ନିୟୋଜିତ ବ୍ୟକ୍ତିର ମଜୁରିରୁ କୌଣସି ମଜୁରି କାଳାବଧିରେ ଉପଧାରା (2) ଅଧୀନରେ ଯେଉଁ କାଟ କରାଯିବ ତାହାର ମୋଟ ପରିମାଣ :—

(*i*) ଯେଉଁ ସ୍ଥଳେ ଉପଧାରା (2)ର ଖଣ୍ଡ (ଓ) ଅଧୀନରେ ସମବାୟ ସମିତିକୁ ପ୍ରଦାନ ପାଇଁ ସେପରି ପୂରା ବା ଆଂଶିକ କାଟ କରାଯାଇଥାଏ, ସେ ସ୍ଥଳେ ସେପରି ମଜୁରିର ଶତକଡ଼ା ପଞ୍ଚସ୍ତରୀ ଭାଗରୁ, ଏବଂ

(*ii*) ଅନ୍ୟ କୌଣସି ସ୍ଥଳେ ସେପରି ମଜୁରିର ଶତକଡ଼ା ପଚାଶ ଭାଗରୁ ଅଧିକ ହେବ ନାହିଁ :

ପରନ୍ତୁ, ଯେଉଁଠାରେ ଉପଧାରା (2) ଅଧୀନରେ ପ୍ରାଧିକୃତ କୌଣସି ମୋଟ କାଟ ମଜରିର ଶତକଡ଼ା ପଞ୍ଚସ୍ତରୀ ବା ଯଥାସ୍ଥିତି, ଶତକଡ଼ା ପଚାଶରୁ ଅଧିକ ହୁଏ ସେ ସ୍ଥଳେ ବିହିତ ହୋଇଥିବା ପ୍ରଣାଳୀରେ ସେହି ଅଧିକ ଆଦାୟ କରାଯାଇପାରିବ ।

(4) ଏହି ଧାରାରେ ଥିବା କୌଣସି ବିଷୟ ନିୟୋଜିତ ବ୍ୟକ୍ତିର ମଜୁରିରୁ ବା ଅନ୍ୟଥା ଭାରତୀୟ ରେଳ ଅଧିନିୟମ, 1890 ଭିନ୍ନ ତତ୍‌ସମୟ ପ୍ରବୃତ୍ତ କୌଣସି ବିଧି ଅଧୀନରେ ସେପରି ବ୍ୟକ୍ତି ଦ୍ୱାରା ପ୍ରଦେୟ କୌଣସି ପରିମାଣ ଆଦାୟ କରିବାରୁ କୌଣସି ନିୟୋକ୍ତାଙ୍କୁ ପ୍ରବାରିତ କରୁଅଛି ବୋଲି ବୁଝାଯିବ ନାହିଁ ।

ଜୋରିମାନା

8. (1) ଯେଉଁ କାର୍ଯ୍ୟ ବା କାର୍ଯ୍ୟଲୋପ ସବୁ ରାଜ୍ୟ ସରକାରଙ୍କର ବା ବିହିତ ପ୍ରାଧିକାରୀଙ୍କର ପୂର୍ବ ଅନୁମୋଦନ କ୍ରମେ ନିୟୋକ୍ତା ଉପଧାରା (2) ଅଧୀନରେ ସୂଚନା ଦ୍ୱାରା ବିନିର୍ଦ୍ଦିଷ୍ଟ କରିଥିବେ ସେହିସବୁ କାର୍ଯ୍ୟ ବା କାର୍ଯ୍ୟ ବ୍ୟତୀତ ଅନ୍ୟ କୌଣସି ପାଇଁ ନିୟୋଜିତ ବ୍ୟକ୍ତିଙ୍କ ଉପରେ ଜୋରିମାନା ଆରୋପ କରାଯିବ ନାହିଁ ।

(2) ସେପରି କାର୍ଯ୍ୟ ଏବଂ କାର୍ଯ୍ୟଲୋପ ସବୁ ବିନିର୍ଦ୍ଦିଷ୍ଟ ହୋଇଥିବା ଏକ ସୂଚନା ନିୟୋଜନ ଚାଲୁ ରହିଥିବା ପରିସରରେ ବା ରେଳବାଇରେ (କାରଖାନା ଭିନ୍ନ ଅନ୍ୟଥା) ନିୟୋଜିତ ବ୍ୟକ୍ତିଙ୍କ ସ୍ଥଳେ ବିହିତ ସ୍ଥାନ ବା ସ୍ଥାନମାନଙ୍କରେ ବିହିତ ରୀତିରେ ପ୍ରଦର୍ଶିତ ହେବ ।

(3) କୌଣସି ନିୟୋଜିତ ବ୍ୟକ୍ତିଙ୍କୁ ଜୋରିମାନା ବିରୁଦ୍ଧରେ କାରଣ ଦର୍ଶାଇବା ପାଇଁ ସୁଯୋଗ ନ ଦିଆଯିବା ପର୍ଯ୍ୟନ୍ତ ବା ଜୋରିମାନା ଆରୋପ ପାଇଁ ଯେଉଁ କାର୍ଯ୍ୟବିଧି ବିହିତ ହୋଇଥିବ ତତ୍‌ଭିନ୍ନ ଅନ୍ୟଥା ସେହି ବ୍ୟକ୍ତିଙ୍କ ଉପରେ ଜୋରିମାନା ଆରୋପ କରାଯିବ ନାହିଁ ।

(4) କୌଣସି ନିୟୋଜିତ ବ୍ୟକ୍ତିଙ୍କ ଉପରେ କୌଣସି ମଜୁରି କାଳାବଧିରେ ଯେଉଁ ଜୋରିମାନା ଆରୋପ କରାଯିବ ତାହାର ମୋଟ ପରିମାଣ ତାଙ୍କୁ ସେହି ମଜୁରି କାଳାବଧି ସଂକ୍ରାନ୍ତରେ ଦେୟ ମଜୁରିର ଶତକଡ଼ା ତିନି ସହିତ ସମାନ ପରିମାଣରୁ ଅଧିକ ହେବ ନାହିଁ ।

(5) ପନ୍ଦର ବର୍ଷରୁ କମ୍ ହୋଇଥିବା କୌଣସି ନିୟୋଜିତ ବ୍ୟକ୍ତିଙ୍କ ଉପରେ କୌଣସି ଜୋରିମାନା ଆରୋପ କରାଯିବ ନାହିଁ ।

(6) କୌଣସି ନିୟୋଜିତ ବ୍ୟକ୍ତିଙ୍କ ଉପରେ ଆରୋପିତ ଜୋରିମାନା ତାଙ୍କଠାରୁ କିସ୍ତିୱାରିରେ ବା ଜୋରିମାନା ଆରୋପିତ ହେବା ତାରିଖଠାରୁ ଷାଠିଏ ଦିନର ଅବସାନ ପରେ ଆଦାୟ ହେବ ନାହିଁ ।

(7) ପ୍ରତ୍ୟେକ ଜୋରିମାନା ଯେଉଁ କାର୍ଯ୍ୟ ବା କାର୍ଯ୍ୟ ଲୋପ ସଂକ୍ରାନ୍ତରେ ଆରୋପିତ ହୋଇଥିବ ତାହା ସେହି କାର୍ଯ୍ୟଲୋପ ଦିନ ଆରୋପିତ ହୋଇଅଛି ବୋଲି ବିବେଚିତ ହେବ ।

(୪) ସମସ୍ତ ଜୋରିମାନା ଏବଂ ତାହାର ସମସ୍ତ ଅସୁଲି ଧାରା 3 ଅଧୀନରେ ମଜୁରି ପ୍ରଦାନ ପାଇଁ ଦାୟୀ ଥିବା ବ୍ୟକ୍ତିଙ୍କ ଦ୍ୱାରା ରଖାଯିବ । ଗୋଟିଏ ରେଜିଷ୍ଟରରେ ବିହିତ ହୋଇଥିବା ଫର୍ମରେ ଅଭିଲିଖିତ ହେବ ଏବଂ ସେପରି ସମସ୍ତ ଅସୁଲ ବିହିତ ପ୍ରାଧିକାରୀଙ୍କ ଦ୍ୱାରା ଯେଉଁ ପ୍ରୟୋଜନମାନ କାରଖାନାରେ ବା ସଂସ୍ଥାରେ ନିୟୋଜିତ ବ୍ୟକ୍ତିମାନଙ୍କ ପ୍ରତି ହିତକର ବୋଲି ଅନୁମୋଦିତ ହୋଇଥିବ ସେହିସବୁ ପ୍ରୟୋଜନରେ ଉପଯୋଗ କରାଯିବ ।

ସ୍ପଷ୍ଟୀକରଣ—ଯେଉଁ ସ୍ଥଳେ କୌଣସି ରେଳ କାରଖାନା ବା ଶିଳ୍ପିକ ସଂସ୍ଥାରେ ନିଯୁକ୍ତ ବ୍ୟକ୍ତିମାନେ ସେହି ଏକା ପରିଚାଳନାଧୀନରେ ନିଯୁକ୍ତ ଥିବା କର୍ମଚାରୀବୃନ୍ଦଙ୍କ ଅଂଶ ମାତ୍ର ହୋଇଥିବେ ସେ ସ୍ଥଳେ ସେପରି ସମସ୍ତ ଅସୁଲି ମୋଟାମୋଟି ଭାବେ କର୍ମଚାରୀବୃନ୍ଦଙ୍କ ପାଇଁ ରକ୍ଷିତ ସାଧାରଣ ପୁଞ୍ଜିକୁ ଜମା ଦିଆଯାଇପାରିବ, ପରନ୍ତୁ ବିହିତ ପ୍ରାଧିକାରୀଙ୍କ ଦ୍ୱାରା ଯେଉଁସବୁ କାର୍ଯ୍ୟ ଅନୁମୋଦିତ ହୋଇଥିବ ଉକ୍ତ ନିଧିକୁ କେବଳ ସେହିସବୁ କାର୍ଯ୍ୟରେ ଉପଯୋଗ କରାଯିବ ।

କର୍ତ୍ତବ୍ୟରୁ ଅନୁପସ୍ଥିତି ପାଇଁ କାଟ ।

9. (1) କୌଣସି ନିୟୋଜିତ ବ୍ୟକ୍ତି ଯେଉଁ ସ୍ଥାନ ବା ସ୍ଥାନମାନଙ୍କରେ ତାଙ୍କର ନିୟୋଜନ ସର୍ତ୍ତାନୁଯାୟୀ କାର୍ଯ୍ୟ କରିବା ଆବଶ୍ୟକ ସେହି ସ୍ଥାନ ବା ସ୍ଥାନମାନଙ୍କରେ ଅନୁପସ୍ଥିତ ରହିଲେ ଏବଂ ଏ ରୂପ ଅନୁପସ୍ଥିତି ସେ ଯେଉଁ କାଳାବଧି ପାଇଁ କାର୍ଯ୍ୟ କରିବା ଆବଶ୍ୟକ ସେହି ପୂର୍ଣ୍ଣ କାଳାବଧି ବା ତାହାରି ଅଂଶ ନିମିତ୍ତ ହୋଇଥିଲେ କେବଳ ସେଥିନିମିତ୍ତ ଧାରା 7 ର ଉପଧାରା (2) ର ଖଣ୍ଡ (ଖ) ଅଧୀନରେ କାଟ ହୋଇ ପାରିବ ।

(2) ଯେଉଁ ମଜୁରି କାଳାବଧି ନିମିତ୍ତ ତାଙ୍କର ନିୟୋଜନ ସର୍ତ୍ତାନୁଯାୟୀ ସେ କାର୍ଯ୍ୟ କରିବା ଆବଶ୍ୟକ ସେହି କାଳାବଧି ମଧ୍ୟରେ ସେ ଯେଉଁ ସମୟ ପାଇଁ ଅନୁପସ୍ଥିତ ଥିଲେ ସେହି ସମୟ ସହିତ ମୋଟ ମଜୁରି କାଳାବଧିର ଯେଉଁ ଅନୁପାତ ହେବ ତାହାଠାରୁ ନିୟୋଜିତ ବ୍ୟକ୍ତିଙ୍କୁ ଉକ୍ତ କାଟ କରାଯାଇ ଥିବା ମଜୁରି କାଳାବଧି ନିମିତ୍ତ ଦେୟ ମଜୁରି ସହିତ ଉକ୍ତ କାଟ ପରିମାଣର ଅନୁପାତ କୌଣସି କ୍ଷେତ୍ରରେ ଅଧିକ ହେବ ନାହିଁ:

ପରନ୍ତୁ, ରାଜ୍ୟ ସରକାରଙ୍କ ଦ୍ୱାରା ଏଥିନିମିତ୍ତ ପ୍ରଣୀତ କୌଣସି ନିୟମାବଳୀର ବଶବର୍ତ୍ତୀ ହୋଇ ଯଦି ଏକତ୍ର କାର୍ଯ୍ୟ କରୁଥିବା ଦଶ ବା ଅଧିକ ନିଯୁକ୍ତ ବ୍ୟକ୍ତି ସମ୍ୟକ ସୂଚନା ବିନା (ଅର୍ଥାତ୍ ସେମାନଙ୍କର ନିୟୋଜନ ସଂବିଦାର ନିବନ୍ଧନ ଅନୁଯାୟୀ ଆବଶ୍ୟକ ହେଉଥିବା ସୂଚନା ନ ଦେଇ) ଏବଂ ଯୁକ୍ତିଯୁକ୍ତ କାରଣ ନ ଥାଇ ଅନୁପସ୍ଥିତ ରହନ୍ତି ତେବେ ସେପରି କୌଣସି ବ୍ୟକ୍ତିଙ୍କଠାରୁ ଯେଉଁ କାଟ କରାଯିବ ତହିଁରେ କୌଣସି ନିବନ୍ଧନ ଅନୁଯାୟୀ ସମ୍ୟକ ସୂଚନା ପରିବର୍ତ୍ତେ ନିୟୋକ୍ତାଙ୍କୁ ଶୋଧ୍ୟ ହେଉଥିବା ପରିମାଣ ତାହାର ପରିମାଣ ରୂପେ ତା'ର ଆଠ ଦିନର ମଜୁରିରୁ ଅଧିକ ହେଉ ନ ଥିବା ପରିମାଣକୁ ଅନ୍ତର୍ଭୁକ୍ତ ହୋଇ ପାରିବ ।

ସ୍ପଷ୍ଟୀକରଣ—ଏହି ଧାରାର ପ୍ରୟୋଜନ ନିମିତ୍ତ ଯେକୌଣସି ନିୟୋଜିତ ବ୍ୟକ୍ତି ଯେଉଁଠାରେ ସେ କାର୍ଯ୍ୟ କରିବାକୁ ଆବଶ୍ୟକ ଅଟେ ସେହି ସ୍ଥାନରୁ ଅନୁପସ୍ଥିତ ଥିବାର ବିବେଚିତ ହେବ ଯଦି ସେହି ସ୍ଥାନରେ ଉପସ୍ଥିତ ଥିଲେ ମଧ୍ୟ ହାଜିର ହରତାଳ ଅନୁସାରେ ବା ଅନ୍ୟ କୌଣସି କାରଣ ପାଇଁ ଯାହା ପରିସ୍ଥିତି ଦୃଷ୍ଟିରୁ ସଙ୍ଗତ ନୁହେଁ ସେ କାର୍ଯ୍ୟ କରିବାକୁ ମନା କରେ ।

ନୋକସାନ୍ ବା କ୍ଷତି ପାଇଁ କାଟ ।

10. (1) ଧାରା 7 ର ଉପଧାରା (2) ର ଖଣ୍ଡ (ଗ) ବା ଖଣ୍ଡ (ଣ) ଅଧୀନରେ କାଟ ନିୟୋଜିତ ବ୍ୟକ୍ତିର ଅବହେଳା ବା ତ୍ରୁଟି ଦ୍ୱାରା ନିୟୋକ୍ତାର ଘଟିଥିବା ନୋକସାନ ବା କ୍ଷତିର ପରିମାଣରୁ ଅଧିକ ହେବ ନାହିଁ ।

(1-କ) ନିୟୋଜିତ ବ୍ୟକ୍ତିଙ୍କୁ କାଟ ବିରୁଦ୍ଧରେ କାରଣ ଦର୍ଶାଇବା ପାଇଁ ସୁଯୋଗ ଦିଆ ନ ଯିବା ପର୍ଯ୍ୟନ୍ତ ବା ସେପରି କାଟିବା ପାଇଁ ବିହିତ ହୋଇଥିବା କାର୍ଯ୍ୟବାହୀ ଅନୁସାରେ ନ ହୋଇ ଅନ୍ୟଥା ଧାରା 7 ର ଉପଧାରା (2) ର ଖଣ୍ଡ (ଗ) ବା ଖଣ୍ଡ (ଡ) ବା ଖଣ୍ଡ (ଢ) ବା ଖଣ୍ଡ (ଣ) ଅଧୀନରେ କାଟ କରାଯିବ ନାହିଁ ।

(2) ସେପରି ସମସ୍ତ କାଟ ଏବଂ ତାହାର ସମସ୍ତ ଅସୁଲମାନ ଧାରା 3 ଅଧୀନରେ ମଜୁରି ପ୍ରଦାନ ପାଇଁ ଦାୟୀଥିବା ବ୍ୟକ୍ତିଙ୍କ ଦ୍ୱାରା ରଖାଯିବା ଏକ ରେଜିଷ୍ଟରରେ ବିହିତ ହୋଇଥିବା ଫର୍ମରେ ଅଭିଲିଖିତ ହେବ ।

କରାହୋଇ ଥିବା ସେବା ପାଇଁ କାଟ ।

11. କୌଣସି ନିୟୋଜିତ ବ୍ୟକ୍ତି ଦ୍ୱାରା ନିୟୋଜନର ନିବନ୍ଧନ ଭବେ ବା ଅନ୍ୟଥା ଆବାସନ ସୁଖ ସୁବିଧା ବା ସେବା ଗ୍ରହଣ କରାଯାଇ ନ ଥିଲେ ଧାରା 7 ର ଉପଧାରା (2) ର ଖଣ୍ଡ (ଘ) ବା ଖଣ୍ଡ (ଙ) ଅନୁଯାୟୀ ତା'ର ମଜୁରିରୁ କଟାଯିବ ନାହିଁ ଏବଂ ସେପରି କାଟ ଯୋଗାଯାଇଥିବା ଆବାସନ ସୁଖ ସୁବିଧା ବା ସେବାର ମୂଲ୍ୟ ସହିତ ସମାନ ପରିମାଣରୁ ଅଧିକ ହେବ ନାହିଁ ଏବଂ ଉକ୍ତ ଖଣ୍ଡ (ଙ) ଅଧୀନରେ କାଟ ସ୍ଥଳେ ତାହା ରାଜ୍ୟ ସରକାର ଅଧିରୋପିତ କରିଥିବା ସର୍ତ୍ତାବଳୀର ବଶବର୍ତ୍ତୀ ହେବ ।

ଅଗ୍ରିମର ଅସୁଲି ପାଇଁ କାଟ ।

12. ଧାରା 7 ର ଉପଧାରା (2) ର ଖଣ୍ଡ (ଚ) ଅଧୀନରେ କାଟ ନିମ୍ନୋକ୍ତ ସର୍ତ୍ତାବଳୀର ବଶବର୍ତ୍ତୀ ହେବ ଯଥା:—

(କ) ନିୟୋଜନର ଆରମ୍ଭ ପୂର୍ବରୁ ଦିଆହୋଇଥିବା ଅଗ୍ରିମ ଟଙ୍କାର ଅସୁଲ ଏକ ପୂର୍ଣ୍ଣ ମଜୁରି କାଳାବଧି ସଂକ୍ରାନ୍ତରେ ମଜୁରିର ପ୍ରଥମ ପ୍ରଦାନ ଠାରୁ କରାଯିବ କିନ୍ତୁ ଗସ୍ତ ଖର୍ଚ୍ଚା ପାଇଁ ଦିଆହୋଇଥିବା ସେପରି ଅଗ୍ରିମର କୌଣସି ଅସୁଲ କରାଯିବ ନାହିଁ ।

(କକ) ନିଯୋଜନ ଆରମ୍ଭ ହେବା ପରେ ଦିଆଯାଇଥିବା ଅଗ୍ରିମ ଟଙ୍କାର ଅସୁଲ ରାଜ୍ୟ ସରକାର ଅଧି-ରୋପିତ କରିଥିବା ସର୍ତ୍ତାବଳୀର ବଶବର୍ତ୍ତୀ ହେବ,

(ଖ) ମୂଳରୁ ଅର୍ଜନ କରାହୋଇଥିବା ମଜୁରିର ଅଗ୍ରିମର ଅସୁଲ କେଉଁ ପରିମାଣରେ ସେପରି ଅଗ୍ରିମ-ମାନ ଦିଆଯାଇପାରିବ ଏବଂ କେଉଁ କିସ୍ତିଓ୍ୱାରିରେ ସେସବୁ ଅସୁଲ କରାହୋଇ ପାରିବ ତାହାକୁ ନିୟନ୍ତ୍ରଣ କରି ରାଜ୍ୟ ସରକାର ପ୍ରଣୀତ କରିଥିବା ନିୟମାବଳୀର ବଶବର୍ତ୍ତୀ ହେବ ।

**ଋଣ ଅସୁଲ ପାଇଁ କାଟ ।**

12-କ. ଧାରା 7 ର ଉପଧାରା (2) ର ଖଣ୍ଡ (ଚଚଚ) ଅଧୀନରେ ମଞ୍ଜୁର ହୋଇଥିବା ଋଣର ଅସୁଲ ପାଇଁ କାଟ ସେହି ଋଣ କେଉଁ ପରିମାଣରେ ମଞ୍ଜୁର ହୋଇପାରିବ ଏବଂ ତା'ଉପରେ ପ୍ରଦେୟ ସୁଧର ହାର କେତେ ହେବ ତାହା ନିୟନ୍ତ୍ରଣକରି ରାଜ୍ୟ ସରକାର ପ୍ରଣୀତ କରିଥିବା ନିୟମାବଳୀର ବଶବର୍ତ୍ତୀ ହେବ ।

**ସମବାୟ ସମିତି ଏବଂ ବୀମା ପରିକଳ୍ପନାର ପ୍ରଦାନ ପାଇଁ କାଟ ।**

13. ଧାରା 7 ର ଉପଧାରା (2) ର ଖଣ୍ଡ (ଓ) ଏବଂ ଖଣ୍ଡ (ଟ) ଅଧୀନରେ କାଟ ରାଜ୍ୟ ସରକାର ଅଧିରୋପିତ କରିଥିବା ସର୍ତ୍ତାବଳୀର ବଶବର୍ତ୍ତୀ ହେବ ।

**ରେଜିଷ୍ଟର ଏବଂ ଅଭିଲେଖ-ମାନଙ୍କର ସଂରକ୍ଷଣ ।**

13-କ. (1) ପ୍ରତ୍ୟେକ ନିଯୋକ୍ତା ତାଙ୍କ ଦ୍ୱାରା ନିଯୋଜିତ ବ୍ୟକ୍ତିମାନଙ୍କର ବିବରଣୀ ଦେଇ ସେମାନଙ୍କ ଦ୍ୱାରା ସଂପାଦିତ ହୋଇଥିବା କାର୍ଯ୍ୟ, ସେମାନଙ୍କୁ ଦିଆହୋଇଥିବା ମଜୁରି, ସେମାନଙ୍କ ମଜୁରିରୁ କରାହୋଇଥିବା କାଟ, ସେମାନଙ୍କ ଦ୍ୱାରା ଦିଆ ହୋଇଥିବା ରସିଦ ସଂକ୍ରାନ୍ତରେ ଯେପରି ବିହିତ ହୋଇଥିବ ସେପରି ବିଶେଷ ବିବରଣୀ ଓ ସେପରି ଅନ୍ୟ ବିଶେଷ ବିବରଣୀମାନ ଥିବା ରେଜିଷ୍ଟର ଓ ଅଭିଲେଖ ବିହିତ ହୋଇଥିବା ଫର୍ମରେ ରଖିବେ ।

(2) ଏହି ଧାରା ଅଧୀନରେ ରଖିବାକୁ ଆବଶ୍ୟକ ଥିବା ପ୍ରତ୍ୟେକ ରେଜିଷ୍ଟର ଏବଂ ଅଭିଲେଖ ଏହି ଅଧି-ନିୟମର ପ୍ରୟୋଜନ ନିମିତ୍ତ ତହିଁରେ କରା ହୋଇଥିବା ଶେଷ ପ୍ରବିଷ୍ଟି ତାରିଖ ପରେ ତିନି ବର୍ଷ କାଳାବଧି ପାଇଁ ପରିରକ୍ଷିତ ହେବ ।

**ନିରୀକ୍ଷକବୃନ୍ଦ**

14. କାରଖାନା ଅଧିନିୟମ, 1948 ର ଧାରା 8 ର ଉପଧାରା (1) ଅନୁଯାୟୀ ନିଯୁକ୍ତ କାରଖାନାର ନିରୀକ୍ଷକ ଏହି ଅଧିନିୟମର ପ୍ରୟୋଜନ ନିମିତ୍ତ ତାହାଙ୍କୁ ସମନୁଦେଶିତ ହୋଇଥିବା ସ୍ଥାନୀୟ ସୀମା ମଧ୍ୟରେ ସମସ୍ତ କାରଖାନା ସଂକ୍ରାନ୍ତରେ ଜଣେ ନିରୀକ୍ଷକ ହେବେ ।

(2) ରାଜ୍ୟ ସରକାର ଏହି ଅଧିନିୟମର ପ୍ରୟୋଜନ ନିମିତ୍ତ (କାରଖାନା ଭିନ୍ନ ଅନ୍ୟଥା) ରେଳରେ ନିଯୁକ୍ତ ସମସ୍ତ ବ୍ୟକ୍ତି ଯାହାଙ୍କୁ ଏହି ଅଧିନିୟମ ଲାଗୁ ଅଟେ ତାଙ୍କ ସଂକ୍ରାନ୍ତରେ ନିରୀକ୍ଷକ ନିଯୁକ୍ତ କରିପାରିବେ ।

(3) ରାଜ୍ୟ ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଏହି ଅଧିନିୟମର ପ୍ରୟୋଜନ ନିମିତ୍ତ ସେ ଉପଯୁକ୍ତ ଭାବୁଥିବା ସେପରି ଅନ୍ୟ ବ୍ୟକ୍ତିଙ୍କୁ ନିଯୁକ୍ତ କରିପାରିବେ ଏବଂ ସେମାନେ ସେମାନଙ୍କର କୃତ୍ୟମାନ ଯେଉଁ ସ୍ଥାନୀୟ ସୀମା ମଧ୍ୟରେ ଏବଂ ଯେଉଁ ଶ୍ରେଣୀର କାରଖାନା ସଂକ୍ରାନ୍ତରେ ଏବଂ ଶିଳ୍ପ ସଂସ୍ଥା ସଂକ୍ରାନ୍ତରେ ପ୍ରୟୋଗ କରିବେ ତାହା ସଂଜ୍ଞାକୃତ କରିପାରିବେ ।

(4) କୌଣସି ନିରୀକ୍ଷକ,—

(କ) ଏହି ଅଧିନିୟମର ଉପବନ୍ଧମାନ ବା ତଦ୍‌ଧୀନ ପ୍ରଣୀତ ନିୟମାବଳୀ ପାଳିତ ହେଉଛି କି ନାହିଁ ତାହା ଅଭିନିଶ୍ଚିତ କରିବାକୁ ସେ ଉପଯୁକ୍ତ ମନେ କରୁଥିବାମତେ ପରୀକ୍ଷା ଏବଂ ତଦନ୍ତ କରିପାରିବେ,

(ଖ) ଏହି ଅଧିନିୟମର ଉଦ୍ଦେଶ୍ୟ ପାଳନ ନିମିତ୍ତ କୌଣସି ଯୁକ୍ତିଯୁକ୍ତ ସମୟରେ କୌଣସି ରେଳ କାରଖାନା ବା ଶିଳ୍ପିକ ସଂସ୍ଥାର କୌଣସି ପରିସରରେ କୌଣସି ସହାୟତା ଉପଯୁକ୍ତ ମନେ କଲେ ସେହି ସହାୟତାରେ ପ୍ରବେଶ, ପରିଦର୍ଶନ ଏବଂ ତଲାସ କରିପାରିବେ,

(ଗ) କୌଣସି ରେଳରେ ବା କୌଣସି କାରଖାନାରେ ବା ଶିଳ୍ପ ସଂସ୍ଥାରେ ନିଯୋଜିତ ବ୍ୟକ୍ତିମାନଙ୍କର ମଜୁରିର ପ୍ରଦାନ ପର୍ଯ୍ୟବେକ୍ଷଣ କରିପାରିବେ,

(ଘ) ଏହି ଅଧିନିୟମ ଅଧୀନରେ ରଖାଯାଇଥିବା କୌଣସି ରେଜିଷ୍ଟର ବା ଅଭିଲେଖ ବିହିତ ହୋଇଥିବା ସ୍ଥାନରେ ଦାଖଲ କରିବାକୁ ଲିଖିତ ଆଦେଶ ଦ୍ୱାରା ଆବଶ୍ୟକ କରିପାରିବେ ଏବଂ ଘଟଣା ସ୍ଥଳରେ ବା ଅନ୍ୟଥା ଏହି ଅଧିନିୟମର ଉଦ୍ଦେଶ୍ୟ ପାଳନ କରିବା ପାଇଁ ସେ ଆବଶ୍ୟକ ମନେକରୁଥିବା କୌଣସି ବ୍ୟକ୍ତିର ବିବୃତି ନେଇ ପାରିବେ,

(ଙ) ଏହି ଅଧିନିୟମ ଅଧୀନରେ ଏକ ଅପରାଧ ଯାହାକି ଜଣେ ନିଯୋକ୍ତାଙ୍କ ଦ୍ୱାରା ଘଟୁଥିବାର ବିଶ୍ୱାସ କରିବାକୁ ତାଙ୍କର କାରଣ ଥାଏ ତାହା ସଂକ୍ରାନ୍ତରେ ଯେଉଁ ରେଜିଷ୍ଟର ବା ଦଲିଲ ସୁସଙ୍ଗତ ବୋଲି ସେ ମନେ କରିବେ ସେହି ରେଜିଷ୍ଟର ବା ଦଲିଲ ବା ତାହାର ଅଂଶ ଜବତ କରି ପାରିବେ ବା ତାହାର ନକଲ ନେଇ ପାରିବେ,

(ଚ) ବିହିତ ହୋଇଥିବା ସେପରି ଅନ୍ୟ କ୍ଷମତା ମାନ ପ୍ରୟୋଗ କରି ପାରିବେ :

ପରନ୍ତୁ, ଏହି ଉପଧାରା ଅଧୀନରେ କୌଣସି ପ୍ରଶ୍ନର ଉତ୍ତର ଦେବାକୁ ବା ନିଜକୁ ଅଭିଯୁକ୍ତ କରୁଥିବାପରି କୌଣସି ବିବୃତି ଦେବାକୁ କୌଣସି ବ୍ୟକ୍ତିଙ୍କୁ ବାଧ୍ୟ କରାଯିବ ନାହିଁ ।

(4-କ) ଦଣ୍ଡ ପ୍ରକ୍ରିୟା ସଂହିତା, 1973ର ଉପବନ୍ଧମାନ ଯଥାସମ୍ଭବ ଉକ୍ତ ସଂହିତାର ଧାରା 94 ଅଧୀନରେ ଜାରି ହୋଇଥିବା ଓ୍ୱାରେଣ୍ଟର ପ୍ରାଧିକାର ଅନୁଯାୟୀ କରାଯାଇଥିବା କୌଣସି ତଲାସ ବା ଜବଦ ଯେପରି ଲାଗୁ ହୁଏ ଏହି ଉପଧାରା ଅନୁଯାୟୀ କୌଣସି ତଲାସ ବା ଜବଦ ସେହିପରି ଲାଗୁ ହେବ ।

(5) ଭାରତୀୟ ଦଣ୍ଡ ସଂହିତାର ଅର୍ଥାନୁଯାୟୀ ପ୍ରତ୍ୟେକ ନିରୀକ୍ଷକ ଏକ ଲୋକସେବକ ବୋଲି ବିବେଚିତ ହେବେ ।

ନିରୀକ୍ଷକମାନଙ୍କୁ ଯୋଗାଇ ଦିଆଯିବା ସୁବିଧାମାନ ।

14-କ. ପ୍ରତ୍ୟେକ ନିଯୋକ୍ତା ନିରୀକ୍ଷକଙ୍କୁ ଏହି ଅଧିନିୟମ ଅଧୀନରେ ପ୍ରବେଶ କରିବାକୁ, ନିରୀକ୍ଷଣ କରିବାକୁ, ପର୍ଯ୍ୟବେକ୍ଷଣ କରିବାକୁ, ପରୀକ୍ଷା କରିବାକୁ ବା ତଦନ୍ତ କରିବାକୁ ସମସ୍ତ ସୁବିଧାମାନ ଯୋଗାଇ ଦେବେ ।

ମଜୁରି କାଟରୁ ବା ମଜୁରି ପ୍ରଦାନ ବିଳମ୍ବରୁ ଏବଂ ବିଦ୍ୱେଷପୂର୍ଣ୍ଣ ବା ବିରକ୍ତିକର ଦାବିରୁ ଉଦ୍ଭୂତ ଦାବିମାନ ।

15. (1) ରାଜ୍ୟ ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଶିଳ୍ପ ବିବାଦ ଅଧିନିୟମ, 1947 ଅଧୀନରେ ବା ରାଜ୍ୟରେ ପ୍ରବୃତ୍ତ ଥିବା ଶିଳ୍ପ ବିବାଦର ଅନ୍ୱେଷଣ ଏବଂ ମୀମାଂସା ସମ୍ପର୍କିତ କୌଣସି ତତ୍ସ୍ଥାନୀ ବିଧି ଅଧୀନରେ ଗଠିତ କୌଣସି ଶ୍ରମ ନ୍ୟାୟାଳୟର ଟ୍ରାଇବୁନାଲର ପୀଠାସୀନ ଅଧିକାରୀଙ୍କୁ କିମ୍ବା ଶ୍ରମିକ କ୍ଷତିପୂରଣ ପାଇଁ ଥିବା କୌଣସି କମିଶନର କିମ୍ବା ସିଭିଲ ନ୍ୟାୟାଳୟର ନ୍ୟାୟାଧୀଶ ଭାବେ ବା ବୃତ୍ତିଭୋଗୀ ମାଜିଷ୍ଟ୍ରେଟ୍ ଭାବେ ଅଭିଜ୍ଞତା ଥିବା ଅନ୍ୟ ଅଧିକାରୀଙ୍କୁ କୌଣସି ବିନିର୍ଦ୍ଦିଷ୍ଟ ଅଞ୍ଚଳ ପାଇଁ ସେହି ଅଞ୍ଚଳରେ ନିଯୋଜିତ ଥିବା ମଜୁରି ପାଉଥିବା ବ୍ୟକ୍ତିଙ୍କର କାଟରୁ ବା ମଜୁରି ପ୍ରଦାନରେ ବିଳମ୍ବରୁ ଉପୁଜିଥିବା ସମସ୍ତ ଦାବି ଓ ସେହି ଦାବି ସଂପର୍କୀୟ ସମସ୍ତ ଆନୁସଙ୍ଗିକ ବିଷୟରେ ଶୁଣାଣି ଓ ନିଷ୍ପତ୍ତି କରିବା ପ୍ରାଧିକାରୀ ଭାବରେ ନିଯୁକ୍ତ କରିପାରିବେ :

ପରନ୍ତୁ, ଯେଉଁ ସ୍ଥଳେ ରାଜ୍ୟ ସରକାର ଆବଶ୍ୟକ ମନେ କଲେ କୌଣସି ବିନିର୍ଦ୍ଦିଷ୍ଟ ଅଞ୍ଚଳ ପାଇଁ ଏକାଧିକ ପ୍ରାଧିକାରୀ ନିଯୁକ୍ତ କରିପାରିବେ ଏବଂ ସାଧାରଣ ବା ବିଶେଷ ଆଦେଶ ଦ୍ୱାରା ଏହି ଅଧିନିୟମ ଦ୍ୱାରା ସେମାନଙ୍କ ଦ୍ୱାରା ସଂପାଦନ କରାଯିବା କାର୍ଯ୍ୟର ବଣ୍ଟନ ବା ଆବଣ୍ଟନ ପାଇଁ ଉପବନ୍ଧ କରିପାରିବେ ।

(2) ଯେଉଁ ସ୍ଥଳେ ଏହି ଅଧିନିୟମର ଉପବନ୍ଧ ପ୍ରତିକୂଳରେ କୌଣସି ନିଯୋଜିତ ବ୍ୟକ୍ତିର ମଜୁରିରୁ କୌଣସି କାଟ କରାଯାଇଥାଏ ବା କୌଣସି ମଜୁରି ପ୍ରଦାନରେ ବିଳମ୍ବ ଘଟିଥାଏ ସେ ସ୍ଥଳେ ସେପରି ବ୍ୟକ୍ତି ନିଜେ ବା କୌଣସି ବିଧି ବ୍ୟବସାୟୀ ବା ତାଙ୍କ ତରଫରୁ କାର୍ଯ୍ୟ କରିବାକୁ ଲିଖିତ ପ୍ରାଧିକାର ଥାଇ ଏକ ରେଜିଷ୍ଟ୍ରୀକୃତ ଶ୍ରମିକ ସଂଘର କୌଣସି କର୍ମଚାରୀଙ୍କୁ ବା ଏହି ଅଧିନିୟମ ଅଧୀନରେ କୌଣସି ପରିଦର୍ଶକଙ୍କୁ ବା ଉପଧାରା (1) ଅଧୀନରେ ନିଯୁକ୍ତ ପ୍ରାଧିକାରୀଙ୍କ ଅନୁମତିରେ କାର୍ଯ୍ୟ କରୁଥିବା ଅନ୍ୟ କୌଣସି ବ୍ୟକ୍ତି ଉପଧାରା (3) ଅଧୀନରେ ନିର୍ଦ୍ଦେଶ ପାଇଁ ସେପରି ପ୍ରାଧିକାରୀଙ୍କୁ ଦରଖାସ୍ତ କରିପାରିବେ :

ପରନ୍ତୁ, ସେପରି ପ୍ରତ୍ୟେକ ଦରଖାସ୍ତ ମଜୁରିରୁ କଟାଯାଇଥିବା ତାରିଖ ଠାରୁ ବା ଯଥାସ୍ଥିତି, ମଜୁରି ପ୍ରଦାନ ପ୍ରାପ୍ୟ ହେବାକୁ ଥିବା ତାରିଖଠାରୁ ବାରମାସ ମଧ୍ୟରେ ଉପସ୍ଥାପିତ ହେବ :—

ପୁନଶ୍ଚ ଉକ୍ତ ବାରମାସ କାଳାବଧିର ଅବସାନ ପରେ ଦରଖାସ୍ତ ଗ୍ରହଣ କରାଯାଇ ପାରିବ ଯଦି ଦରଖାସ୍ତକାରୀ ପ୍ରାଧିକାରୀଙ୍କୁ ସନ୍ତୋଷ କରନ୍ତି ଯେ ସେପରି କାଳାବଧି ମଧ୍ୟରେ ଦରଖାସ୍ତ ନ କରିବାପାଇଁ ତାଙ୍କର ଯଥେଷ୍ଟ କାରଣ ଥିଲା ।

(3) ଯେଉଁ ସ୍ଥଳେ ଉପଧାରା (2) ଅଧୀନରେ କୌଣସି ଦରଖାସ୍ତ ଗ୍ରହଣ କରାହୋଇଥାଏ ସେ ସ୍ଥଳେ ପ୍ରାଧିକାରୀ, ଦରଖାସ୍ତକାରୀ ଏବଂ ନିଯୋକ୍ତା ବା ଧାରା 3 ଅଧୀନରେ ମଜୁରି ପ୍ରଦାନ ପାଇଁ ଦାୟୀ ଥିବା ଅନ୍ୟ ବ୍ୟକ୍ତିଙ୍କୁ ଶୁଣାଣି କରିବେ କିମ୍ବା ଶୁଣାଣିପାଇଁ ସେମାନଙ୍କୁ ସୁଯୋଗ ଦେବେ ଏବଂ ଆବଶ୍ୟକ ହେଲେ ସେପରି ପୁନଃ ତଦନ୍ତ (ଯଦି କିଛି ଥାଏ) ପରେ ଏହି ଅଧିନିୟମ ଅଧୀନରେ ସେପରି ନିଯୋକ୍ତା ବା ଅନ୍ୟ ବ୍ୟକ୍ତି ଅନ୍ୟ ଯେଉଁ ଶାସ୍ତିପାଇଁ ଦାୟୀ ଥିଲେ ସେହି ଶାସ୍ତିରେ ଆଞ୍ଚ ନ ଆଣି ନିଯୋଜିତ ବ୍ୟକ୍ତିଙ୍କୁ କଟା ହୋଇଥିବା ପରିମାଣ ଫେରସ୍ତ ଦେବାକୁ ବା ବିଳମ୍ବିତ ମଜୁରିର ପ୍ରଦାନ

ପ୍ରାଧିକାରୀ ଉପଯୁକ୍ତ ଭବିବା ମତେ ପ୍ରଥମୋକ୍ତ ଘଟଣାରେ କଟା ହୋଇଥିବା ପରିମାଣର ଦଶଗୁଣରୁ ଅନଧିକ ଏବଂ ପରବର୍ତ୍ତୀରେ ପଚିଶ ଟଙ୍କାରୁ ଅନଧିକ ପରିମାଣର କ୍ଷତିପୂରଣ ସହ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇପାରିବେ ଏବଂ ଦରଖାସ୍ତର ଫଇସଲ ପୂର୍ବରୁ କଟା ହୋଇଥିବା ବା ବିଳମ୍ବିତ ମଜୁରିର ପରିମାଣ ଦିଆ ହୋଇଥିଲେ ମଧ୍ୟ ପ୍ରାଧିକାରୀ ଉପଯୁକ୍ତ ମନେ କରିବା ମତେ ପଚିଶ ଟଙ୍କାରୁ ଅନଧିକ ସେପରି କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇପାରିବେ :

ପରନ୍ତୁ, ବିଳମ୍ବିତ ମଜୁରିସ୍ଥଳେ କ୍ଷତିପୂରଣର ପ୍ରଦାନ ପାଇଁ କୌଣସି ନିର୍ଦ୍ଦେଶ ଦିଆଯିବ ନାହିଁ ଯଦି ପ୍ରାଧିକାରୀ ସନ୍ତୁଷ୍ଟ ହୁଅନ୍ତି ଯେ ବିଳମ୍ବ ନିମ୍ନୋକ୍ତ କାରଣ ଯୋଗୁଁ ଘଟିଥିଲ—

(କ) ନିୟୋଜିତ ବ୍ୟକ୍ତିଙ୍କୁ ପ୍ରଦେୟ ପରିମାଣ ସମ୍ବନ୍ଧରେ ଯଥାର୍ଥ ତ୍ରୁଟି ବା ଯଥାର୍ଥ ଦ୍ୱନ୍ଦ୍ୱ, କିମ୍ବା

(ଖ) ଆକସ୍ମିକ ଘଟଣାର ଉପୁଡି ହେଲ ବା ଅସାଧାରଣ ପରିସ୍ଥିତି ଉପୁଜିଲ ଯଦ୍ୱାରାକି ମଜୁରି ପ୍ରଦାନ ପାଇଁ ଦାୟୀ ଥିବା ବ୍ୟକ୍ତି ତୁରନ୍ତ ପ୍ରଦାନ କରିବାକୁ ଯୁକ୍ତିଯୁକ୍ତ ତତ୍‌ପରତା ପ୍ରୟୋଗ କରି ମଧ୍ୟ ପ୍ରଦାନ କରିବାକୁ ଅକ୍ଷମ ଥିଲେ, କିମ୍ବା

(ଗ) ପ୍ରଦାନ ପାଇଁ ଦରଖାସ୍ତ କରିବାରେ ବା ଗ୍ରହଣ କରିବାରେ ନିୟୋଜିତ ବ୍ୟକ୍ତିର ବିଫଳତା ।

(4) ଏହି ଧାରା ଅଧୀନରେ ଦରଖାସ୍ତ ଶୁଣାଣି କରୁଥିବା ପ୍ରାଧିକାରୀ ଯଦି ସନ୍ତୁଷ୍ଟ ହୁଅନ୍ତି ଯେ—

(କ) ଦରଖାସ୍ତଟି ବିଦ୍ୱେଷପୂର୍ଣ୍ଣ ବା ବିରକ୍ତିକର ଥିଲ ତାହାହେଲେ ପ୍ରାଧିକାରୀ ନିର୍ଦ୍ଦେଶ ଦେଇପାରିବେ ଯେ ଦରଖାସ୍ତ ଉପସ୍ଥାପନ କରିଥିବା ବ୍ୟକ୍ତି ଦ୍ୱାରା ନିୟୋକ୍ତାଙ୍କୁ ବା ମଜୁରି ପ୍ରଦାନପାଇଁ ଦାୟୀ ଥିବା ଅନ୍ୟ ବ୍ୟକ୍ତିଙ୍କୁ ପଚାଶ ଟଙ୍କାରୁ ଅନଧିକ ପରିମାଣ ଶାସ୍ତିରୂପେ ଦିଆଯିବ, କିମ୍ବା

(ଖ) କୌଣସି ସ୍ଥଳେ ଯହିଁରେ ଉପଧାରା (3) ଅଧୀନରେ କ୍ଷତିପୂରଣ ଦିଆହେବାକୁ ନିର୍ଦ୍ଦେଶ ଥାଏ ସେ ସ୍ଥଳେ ଦରଖାସ୍ତକାରୀଙ୍କୁ ଏହି ଧାରା ଅଧୀନରେ ପ୍ରତିତୋଷ ଖୋଜିବାକୁ ବାଧ୍ୟ କରାଯିବ ନାହିଁ ଏବଂ ପ୍ରାଧିକାରୀ ନିର୍ଦ୍ଦେଶ ଦେଇପାରିବେ ଯେ ନିଯୋକ୍ତା ବା ମଜୁରି ପ୍ରଦାନ ପାଇଁ ଦାୟୀ ଥିବା ଅନ୍ୟ ବ୍ୟକ୍ତି ରାଜ୍ୟ ସରକାରଙ୍କୁ ପଚାଶ ଟଙ୍କାରୁ ଅନଧିକ ପରିମାଣ ଶାସ୍ତିରୂପେ ଦେବେ ।

(4-କ) ଯେଉଁ ସ୍ଥଳେ ନିଯୋକ୍ତାଙ୍କର ବା ନିୟୋଜିତ ବ୍ୟକ୍ତିର ବୈଧ ପ୍ରତିନିଧି ଭବେ ଥିବା ବ୍ୟକ୍ତି ବା ବ୍ୟକ୍ତିମାନଙ୍କ ବିଷୟରେ କୌଣସି ଦ୍ୱନ୍ଦ୍ୱ ଥାଏ ସେସ୍ଥଳେ ସେପରି ଦ୍ୱନ୍ଦ୍ୱ ଉପରେ ପ୍ରାଧିକାରୀଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ ।

(4-ଖ) ଏହି ଧାରା ଅଧୀନରେ କୌଣସି ତଦନ୍ତ ଭରତୀୟ ଦଣ୍ଡ ସଂହିତାର ଧାରା 193,219 ଏବଂ 228ର ଅର୍ଥାନୁଯାୟୀ କୌଣସି ନ୍ୟାୟିକ କାର୍ଯ୍ୟବାହୀ ରୂପେ ବିବେଚିତ ହେବ ।

(5) ଏହି ଧାରା ଅଧୀନରେ ଦିଆଯିବାକୁ ନିର୍ଦ୍ଦେଶ ଥିବା କୌଣସି ପରିମାଣ—

(କ) ପ୍ରାଧିକାରୀ ଯଦି ଜଣେ ମାଜିଷ୍ଟ୍ରେଟ୍ ହୋଇଥାନ୍ତି ତାହାହେଲେ ତାଙ୍କଦ୍ୱାରା ମାଜିଷ୍ଟ୍ରେଟ୍ ଭବେ ଜୋରିମାନା ଅଧିରୋପିତ ହୋଇଥିବା ପରି ଆଦାୟ କରାଯାଇପାରିବ, ଏବଂ

(ଖ) ପ୍ରାଧିକାରୀ ଯଦି ଜଣେ ମାଜିଷ୍ଟ୍ରେଟ୍ ହୋଇ ନ ଥାନ୍ତି ତାହାହେଲେ କୌଣସି ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ଯାହାଙ୍କୁ ଏଥିନିମିତ୍ତ ପ୍ରାଧିକାରୀ ଦରଖାସ୍ତ କରନ୍ତି, ସେପରି ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ଜୋରିମାନା ଅଧିରୋପିତ ହୋଇଥିବା ପରି ଆଦାୟ କରାଯାଇପାରିବ ।

ମଜୁରି ପାଇ ନ ଥିବା ଗୋଷ୍ଠୀର ଦାବି ସଂକ୍ରାନ୍ତରେ ଏକମାତ୍ର ଦରଖାସ୍ତ ।

16. (1) ନିୟୋଜିତ ବ୍ୟକ୍ତିମାନେ ଯଦି ଗୋଟିଏ ସଂସ୍ଥାରେ ଥାନ୍ତି ଏବଂ ଯଦି ସେହି ଏକା କାରଣ ପାଇଁ ଏବଂ ସେହି ଏକା ମଜୁରି କାଳାବଧି ବା କାଳାବଧିମାନଙ୍କପାଇଁ ଏହି ଅଧିନିୟମର ଉଲଂଘନରେ ସେମାନଙ୍କ ମଜୁରିରୁ କାଟ କରାଯାଇଥାଏ ବା ଯଦି ସେହି ଏକା ମଜୁରି କାଳାବଧି ବା କାଳାବଧି ପାଇଁ ଧାରା 5 ଦ୍ୱାରା ନିୟତ ଦିନ ପରେ ସେମାନଙ୍କ ମଜୁରି ପ୍ରଦାନ କରାଯାଇ ନ ଥାଏ ତାହାହେଲେ ସେମାନେ ଗୋଟିଏ ମଜୁରି ପାଇ ନଥିବା ଗୋଷ୍ଠୀର ଅନ୍ତର୍ଭୁକ୍ତ ବୋଲି କୁହାଯିବ ।

(2) ଧାରା 15 ଅଧୀନରେ ମଜୁରି ପାଇ ନ ଥିବା ସେହି ଏକା ଗୋଷ୍ଠୀ ତରଫରୁ ବା ଗୋଷ୍ଠୀରେ ଥିବା ଯେ କୌଣସି ସଂଖ୍ୟକ ନିଯୁକ୍ତ ବ୍ୟକ୍ତିଙ୍କ ସଂକ୍ରାନ୍ତରେ ଗୋଟିଏ ମାତ୍ର ଦରଖାସ୍ତ ଉପସ୍ଥାପିତ କରାଯାଇପାରେ ଏବଂ ଏପରି ସ୍ଥଳେ ଯେଉଁ ବ୍ୟକ୍ତିମାନଙ୍କ ତରଫରୁ ଏପରି ଦରଖାସ୍ତ ଉପସ୍ଥାପିତ ହୋଇଥାଏ ସେପରି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଧାରା 15ର ଉପଧାରା (3) ରେ ବିନିର୍ଦ୍ଦିଷ୍ଟ ପରିମାଣ ପର୍ଯ୍ୟନ୍ତ ସର୍ବାଧିକ କ୍ଷତିପୂରଣ ଦିଆଯାଇ ପାରିବ ।

(3) ପ୍ରାଧିକାରୀ ମଜୁରି ପାଇ ନ ଥିବା ସେହି ଏକା ଗୋଷ୍ଠୀରେ ଥିବା ବ୍ୟକ୍ତିମାନଙ୍କ ସଂକ୍ରାନ୍ତରେ ଧାରା 15 ଅଧୀନରେ ଉପସ୍ଥାପିତ ହୋଇଥିବା ଏବଂ ଲମ୍ବିତଥିବା ଯେ କୌଣସି ସଂଖ୍ୟକ ପୃଥକ ଦରଖାସ୍ତକୁ ଏହି ଧାରାର ଉପଧାରା (2) ଅଧୀନରେ ଉପସ୍ଥାପିତ ହୋଇଥିବା ଏକମାତ୍ର ଦରଖାସ୍ତଭାବେ ଗ୍ରହଣ କରିପାରିବେ ଏବଂ ସେହି ଉପଧାରାର ଉପବନ୍ଧମାନ ତଦନୁସାରେ ଲାଗୁ ହେବ ।

ଅପିଲ

17. (1) ଧାରା 15 ର ଉପଧାରା (2) ଅଧୀନରେ କରାହୋଇଥିବା ଦରଖାସ୍ତକୁ ପୁରା ଭାବରେ ବା ଆଂଶିକ ଖାରଜ କରିଥିବା ଆଦେଶ ବିରୁଦ୍ଧରେ କିମ୍ବା ସେହି ଧାରାର ଉପଧାରା (3) ବା ଉପଧାରା (4) ଅଧୀନରେ କରାହୋଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ଆଦେଶ ବା ନିର୍ଦ୍ଦେଶ ହୋଇଥିବା ତାରିଖଠାରୁ ତିରିଶଦିନ ମଧ୍ୟରେ ପ୍ରେସିଡେନ୍ସି ସହରରେ ଲଘୁବାଦ ନ୍ୟାୟାଳୟ ନିକଟରେ ଏବଂ ଅନ୍ୟ ସ୍ଥାନରେ ଜିଲ୍ଲା ନ୍ୟାୟାଳୟଙ୍କ ନିକଟରେ ଅପିଲ ନିମ୍ନଲିଖିତ ବ୍ୟକ୍ତିଙ୍କ ଦ୍ୱାରା କରାଯାଇ ପାରିବ:—

(କ) ଯଦି ମଜୁରି ଏବଂ କ୍ଷତିପୂରଣ ଆକାରରେ ଦିଆଯିବାକୁ ନିର୍ଦ୍ଦେଶ ହୋଇଥିବା ମୋଟ ଧନରାଶି ତିନିଶହ ଟଙ୍କାରୁ ଅଧିକ ହୁଏ ବା ସେପରି ନିର୍ଦ୍ଦେଶ ନିଯୋକ୍ତା ବା ଅନ୍ୟ ବ୍ୟକ୍ତି ଉପରେ ଏକ ହଜାର ଟଙ୍କାରୁ ଅଧିକ ହେଉଥିବା ବିତ୍ତର ଦାୟ ଅଧିରୋପଣ କରୁଥିବା ପ୍ରଭାବ ପକାଏ ତାହାହେଲେ ଧାରା 3 ଅଧୀନରେ ନିଯୋକ୍ତାଙ୍କ ଦ୍ୱାରା ବା ମଜୁରି ପ୍ରଦାନପାଇଁ ଦାୟୀ ଥିବା ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା, କିମ୍ବା

(ଖ) ଯଦି ନିଯୋଜିତ ବ୍ୟକ୍ତିଙ୍କଠାରୁ ଅଟକ ହୋଇଅଛି ବୋଲି ଦାବି କରାହୋଇଥିବା ମଜୁରିର ମୋଟ ପରିମାଣ କୋଡ଼ିଏ ଟଙ୍କାରୁ ଅଧିକ ହୁଏ ବା ସେହି ନିଯୋଜିତ ବ୍ୟକ୍ତି ଯେଉଁ ମଜୁରି ପାଉ ନ ଥିବା ଗୋଷ୍ଠୀରେ ଥାଆନ୍ତି ବା ଥିଲେ ସେହି ଗୋଷ୍ଠୀଠାରୁ ଅଟକ ହୋଇଛି ବୋଲି ଦାବି କରାହୋଇଥିବା ମୋଟ ପରିମାଣ ପଚାଶ ଟଙ୍କାରୁ ଅଧିକ ହୋଇଥାଏ ତାହାହେଲେ କୌଣସି ନିଯୋଜିତ ବ୍ୟକ୍ତି ଦ୍ୱାରା ବା ତାଙ୍କ ତରଫରୁ କାର୍ଯ୍ୟ କରିବାପାଇଁ ଲିଖିତ ଆକାରରେ ପ୍ରାଧିକୃତ କୌଣସି ବିଧି ବ୍ୟବସାୟୀ ବା ରେଜେଷ୍ଟ୍ରୀକୃତ ଶ୍ରମିକ ସଂଘର କୌଣସି ପଦଧାରୀଙ୍କ ଦ୍ୱାରା ବା ଏହି ଅଧିନିୟମ ଅଧୀନରେ କୌଣସି ନିରୀକ୍ଷକଙ୍କ ଦ୍ୱାରା ବା ଧାରା 15ର ଉପଧାରା 2] ଅଧୀନରେ ଦରଖାସ୍ତ କରିବାକୁ ପ୍ରାଧିକାରୀଙ୍କ ଦ୍ୱାରା ଅନୁମତିପ୍ରାପ୍ତ କୌଣସି ବ୍ୟକ୍ତିଙ୍କ ଦ୍ୱାରା,

(ଗ) ଧାରା 15ର ଉପଧାରା (4) ଅଧୀନରେ ଅର୍ଥ ଦଣ୍ଡ ପ୍ରଦାନ କରିବାକୁ ନର୍ଦ୍ଦେଶିତ କୌଣସି ବ୍ୟକ୍ତିଙ୍କ ଦ୍ୱାରା,

(1-କ) ଯେଉଁ ନିର୍ଦ୍ଦେଶ ବିରୁଦ୍ଧରେ ଅପିଲ ହୁଏ ସେହି ନିର୍ଦ୍ଦେଶ ଅନୁଯାୟୀ ଦେୟ ପରିମାଣ ଅପିଲକାରୀ ଜମା କରିଥିବା ମର୍ମରେ ପ୍ରାଧିକାରୀ ଦ୍ୱାରା ପ୍ରମାଣପତ୍ର ଅପିଲର ମେମୋରାଣ୍ଡମ ସହ ଦିଆ ନ ହେଲେ ଉପଧାରା (1)ର ଖଣ୍ଡ (କ) ଅଧୀନରେ କୌଣସି ଅପିଲ ଚଳିବ ନାହିଁ ।

(2) ଉପଧାରା (1)ରେ ଉପବନ୍ଧିତ ହୋଇଥିବା ବ୍ୟତୀରେକେ ଧାରା 15ର ଉପଧାରା (2) ଅଧୀନରେ କରାଯାଇଥିବା ଦରଖାସ୍ତକୁ ପୁରା ଭାବରେ ବା ଆଂଶିକ ଭାବରେ ଖାରଜ କରିଥିବା କୌଣସି ଆଦେଶ ବା ସେହି ଧାରାର ଉପଧାରା (3) ବା ଉପଧାରା (4) ଅଧୀନରେ କରାଯାଇଥିବା ନିର୍ଦ୍ଦେଶ ଚୂଡାନ୍ତ ହେବ ।

(3) ଯେଉଁସ୍ଥଳେ ଏହି ଧାରା ଅଧୀନରେ କୌଣସି ନିଯୋକ୍ତା ଅପିଲ ଦାଏର କରନ୍ତି, ସେହି ସ୍ଥଳେ ଯେଉଁ ପ୍ରାଧିକାରୀଙ୍କ ନିଷ୍ପତ୍ତି ବିରୁଦ୍ଧରେ ଅପିଲ ଦାଏର କରାହୋଇଥିବ ସେହି ପ୍ରାଧିକାରୀ ତାଙ୍କ ନିକଟରେ ଜମା ହୋଇଥିବା କୌଣସି ଧନରାଶିର ପ୍ରଦାନ ଅପିଲର ନିଷ୍ପତ୍ତି ହେବା ପର୍ଯ୍ୟନ୍ତ ଅଟକ ରଖିପାରିବେ ଏବଂ ଉପଧାରା (1) ରେ ନିର୍ଦ୍ଦେଶିତ ନ୍ୟାୟାଳୟ ଦ୍ୱାରା ଯଦି ସେପରି ନିର୍ଦ୍ଦେଶିତ ହୁଅନ୍ତି ତାହାହେଲେ ଅଟକ ରଖିବେ ।

(4) ଉପଧାରା (1) ରେ ନିର୍ଦ୍ଦେଶିତ ନ୍ୟାୟାଳୟ ଉପଯୁକ୍ତ ମନେ କଲେ ଉଚ୍ଚ ନ୍ୟାୟାଳୟ ନିଷ୍ପତ୍ତି ପାଇଁ କୌଣସି ବିଧିଗତ ପ୍ରଶ୍ନ ନିବେଦିତ କରିପାରିବେ ଏବଂ ଯଦି ସେ ସେପରି କରନ୍ତି ତେବେ ସେପରି ନିଷପରି ଅନୁସାରେ ପ୍ରଶ୍ନଟି ନିଷ୍ପତ୍ତି କରିବେ ।

ନିଯୋକ୍ତାଙ୍କର କିମ୍ବା ମଜୁରି ପ୍ରଦାନ ପାଇଁ ଦା ଅନ୍ୟ ବ୍ୟକ୍ତିଙ୍କ ସମ୍ପତ୍ତିର ସର୍ତ୍ତମୂଳକ କ୍ରୋକ୍ ।

17-କ. (1) ଯେଉଁସ୍ଥଳେ ଧାରା 15ର ଉପଧାରା (2) ଅଧୀନରେ ଦରଖାସ୍ତ କରାଯିବା ପରେ ଯେ କୌଣସି ସମୟରେ କିମ୍ବା ଧାରା 17 ଅଧୀନରେ କୌଣସି ନିଯୋଜିତ ବ୍ୟକ୍ତିଙ୍କ ଦ୍ୱାରା ବା ତାଙ୍କ ତରଫରୁ କାର୍ଯ୍ୟ କରିବାକୁ ଲିଖିତ ଭାବରେ ପ୍ରାଧିକୃତ ରେଜେଷ୍ଟ୍ରୀକୃତ ଶ୍ରମିକ ସଂଘର କୌଣସି ପଦଧାରୀ ବା ଏହି ଅଧିନିୟମ ଅଧୀନରେ କୌଣସି ନିରୀକ୍ଷକ କିମ୍ବା ଧାରା 15ର ଉପଧାରା (2) ଅଧୀନରେ ଦରଖାସ୍ତ କରିବାକୁ ପ୍ରାଧିକାରୀଙ୍କ ଦ୍ୱାରା ଅନୁମତି ପାଇଥିବା ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଅପିଲ ଦାଏର କରାହେବା ପରେ ଯେକୌଣସି ସମୟରେ ସେହି ଧାରାରେ ନିର୍ଦ୍ଦେଶିତ ନ୍ୟାୟାଳୟ ସନ୍ତୁଷ୍ଟ ହୁଅନ୍ତି ଯେ ନିଯୋକ୍ତା ବା ଧାରା 3 ଅଧୀନରେ ମଜୁରି ପ୍ରଦାନ ପାଇଁ ଦାୟୀ ଥିବା ଅନ୍ୟ ବ୍ୟକ୍ତି ଧାରା 15 ବା ଧାରା 17 ଅଧୀନରେ ଯେଉଁ ପରିମାଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇପାରେ ସେହି ପ୍ରଦାନର ଅପବଂଜନ କରିବାରେ ସଂଭାବନା ଅଛି ସେସ୍ଥଳେ ଯେଉଁ କ୍ଷେତ୍ରରେ ପ୍ରାଧିକାରୀ ବା ନ୍ୟାୟାଳୟ ମନେ କରନ୍ତି ଯେ ବିଳମ୍ବ ଦ୍ୱାରା ନ୍ୟାୟର ଉଦ୍ଦେଶ୍ୟ ବିଫଳ ହେବ ସେହି କ୍ଷେତ୍ର ଭିନ୍ନ

ଅନ୍ୟତ୍ର ପ୍ରାଧିକାରୀ ବା ଯଥାସ୍ଥିତି ନ୍ୟାୟାଳୟ ନିଯୋକ୍ତା ବା ଅନ୍ୟ ବ୍ୟକ୍ତିଙ୍କୁ ଶୁଣାଣି ପାଇଁ ସୁଯୋଗ ଦେବା ପରେ ନିଯୋକ୍ତାଙ୍କର ବା ମଜୁରି ପ୍ରଦାନପାଇଁ ଦାୟୀ ଥିବା ବ୍ୟକ୍ତିଙ୍କର ସେତିକି ସଂପତ୍ତି ଯାହା ପ୍ରାଧିକାରୀ ବା ନ୍ୟାୟାଳୟଙ୍କ ମତରେ ନିର୍ଦ୍ଦେଶ ଅନୁଯାୟୀ ପ୍ରଦେୟ ପରିମାଣ ପାଇଁ ଯଥେଷ୍ଟ ଅଟେ ତାହାର କ୍ରୋକ୍ ପାଇଁ ନିର୍ଦ୍ଦେଶ ଦେଇପାରିବେ ।

(2) ସିଭିଲ ପ୍ରକ୍ରିୟା ସଂହିତା, 1908 ଅଧୀନରେ ରାୟ ପୂର୍ବରୁ କ୍ରୋକ ସଂପର୍କିତ ସେହି ସଂହିତାର ଉପବନ୍ଧମାନ ଯଥାସମ୍ଭବ ଉପଧାରା (1) ଅଧୀନରେ କ୍ରୋକ୍‌ପାଇଁ କୌଣସି ଆଦେଶକୁ ଲାଗୁ ହେବ ।

**ଧାରା 15 ଅନୁଯାୟୀ ନିଯୁକ୍ତ ପ୍ରାଧିକାରୀଙ୍କର କ୍ଷମତା ।**

18. ଧାରା 15ର ଉପଧାରା (1) ଅଧୀନରେ ନିଯୁକ୍ତ ପ୍ରତ୍ୟେକ ପ୍ରାଧିକାରୀଙ୍କର ସାକ୍ଷ୍ୟ ନେବାପାଇଁ ଏବଂ ସାକ୍ଷୀମାନଙ୍କର ଉପସ୍ଥିତିକୁ ଜାହିର କରିବାପାଇଁ ଏବଂ ଦଲିଲମାନଙ୍କର ଦାଖଲକୁ ବାଧ୍ୟ କରିବା ଉଦ୍ଦେଶ୍ୟରେ ସିଭିଲ ପ୍ରକ୍ରିୟା ସଂହିତା, 1908 ଅଧୀନରେ ସିଭିଲ ନ୍ୟାୟାଳୟର ସମସ୍ତ କ୍ଷମତା ରହିବ ଏବଂ ସେପରି ପ୍ରତ୍ୟେକ ଅଧିକାରୀ ଦଣ୍ଡ ପ୍ରକ୍ରିୟା ସଂହିତା, 1898ର ଧାରା 195 ଏବଂ ଅଧ୍ୟାୟ 35ର ସମସ୍ତ ପ୍ରୟୋଜନ ନିମିତ୍ତ ସିଭିଲ ନ୍ୟାୟାଳୟ ବୋଲି ବିବେଚିତ ହେବେ ।

19. ନିରସିତ ।

**ଅଧିନିୟମ ଅଧୀନରେ ଅପରାଧ ପାଇଁ ଶାସ୍ତି ।**

20. (1) ଯେଉଁ ବ୍ୟକ୍ତି ନିଯୋଜିତ ବ୍ୟକ୍ତିଙ୍କ ମଜୁରି ପ୍ରଦାନପାଇଁ ଦାୟୀଥାଇ ନିମ୍ନୋକ୍ତ ଧାରାମାନଙ୍କର ଯଥା ଧାରା 5 ତାହାର ଉପଧାରା 4 ବ୍ୟତୀତ, ଧାରା 7, ଧାରା 8 ତାହାର ଉପଧାରା (8) ବ୍ୟତୀତ ଏବଂ ଧାରା 11ରୁ 13ର ଉଭୟ ସମେତ କୌଣସି ଉପବନ୍ଧମାନ ଉଲ୍ଲଙ୍ଘନ କରନ୍ତି ସେ ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।

(2) ଯେଉଁ ବ୍ୟକ୍ତି ଧାରା 4, ଧାରା 5ର ଉପଧାରା (4), ଧାରା 6, ଧାରା 8ର ଉପଧାରା 8, ଧାରା 10ର ଉପଧାରା (2) ବା ଧାରା 25ର ଉପବନ୍ଧମାନ ଉଲ୍ଲଙ୍ଘନ କରନ୍ତି ସେ ଦୁଇଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।

(3) ଯେଉଁ ବ୍ୟକ୍ତି ଏହି ଅଧିନିୟମ ଅଧୀନରେ କୌଣସି ଅଭିଲେଖ ବା ରେଜିଷ୍ଟର ରଖିବାକୁ କିମ୍ବା କୌଣସି ସମ୍ବାଦ ବା ରିଟର୍ଣ୍ଣ ଯୋଗାଇବା ଆବଶ୍ୟକ ସେ ଯଦି,

(କ) ସେପରି ରେଜିଷ୍ଟର ବା ଅଭିଲେଖ ରଖନ୍ତି ନାହିଁ, କିମ୍ବା

(ଖ) ସେପରି ସମ୍ବାଦ ବା ରିଟର୍ଣ୍ଣ ଯୋଗାଇବାକୁ ସ୍ୱେଚ୍ଛାକୃତଭାବେ ମନା କରନ୍ତି ବା ବିଧିପୂର୍ଣ୍ଣ ତ୍ରୁଟି ହେତୁ ନ ଥାଇ ଅବହେଳା କରନ୍ତି କିମ୍ବା

(ଗ) ସେ ମିଥ୍ୟା ବୋଲି ଜାଣିଥିବା କୌଣସି ସମ୍ବାଦ ବା ରିଟର୍ଣ୍ଣ ସ୍ୱେଚ୍ଛାକୃତଭାବେ ଯୋଗାଇ ଦିଅନ୍ତି ବା ଯୋଗାଇବାର କାରଣ ହୁଅନ୍ତି, କିମ୍ବା

(ଘ) ଏହି ଅଧିନିୟମ ଅନୁଯାୟୀ ଯୋଗାଇଯିବାକୁ ଆବଶ୍ୟକ ଥିବା କୌଣସି ସମ୍ବାଦ ପାଇବାପାଇଁ ଆବଶ୍ୟକ ଥିବା କୌଣସି ପ୍ରଶ୍ନର ଉତ୍ତର ଦେବାକୁ ମନା କରନ୍ତି ବା ସ୍ୱେଚ୍ଛାକୃତଭାବେ ମିଥ୍ୟା ଉତ୍ତର ଦିଅନ୍ତି,

ସେ ଏପରି ପ୍ରତ୍ୟେକ ଅପରାଧପାଇଁ ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।

(4) ଯେଉଁ ବ୍ୟକ୍ତି,—

(କ) କୌଣସି ନିରୀକ୍ଷକଙ୍କୁ ଏହି ଅଧିନିୟମ ଅଧୀନରେ ତାଙ୍କ କର୍ତ୍ତବ୍ୟ ସଂପାଦନ କରିବାରେ ସ୍ୱେଚ୍ଛାକୃତଭାବେ ବାଧା ଦିଅନ୍ତି, କିମ୍ବା

(ଖ) କୌଣସି ରେଳ କାରଖାନା ବା ଶିଳ୍ପ ସଂସ୍ଥା ସଂପର୍କରେ ଏହି ଅଧିନିୟମ ଦ୍ୱାରା ବା ଅଧୀନରେ କୌଣସି ପ୍ରବେଶ, ନିରୀକ୍ଷଣ, ପରୀକ୍ଷା, ପର୍ଯ୍ୟବେକ୍ଷଣ ବା ତଦନ୍ତ କରିବାକୁ ପ୍ରାଧିକୃତ କୌଣସି ନିରୀକ୍ଷକଙ୍କୁ ଯୁକ୍ତିଯୁକ୍ତ ସୁବିଧା ଯୋଗାଇ ଦେବାକୁ ମନା କରନ୍ତି ବା ସ୍ୱେଚ୍ଛାକୃତଭାବେ ଅବହେଳା କରନ୍ତି, କିମ୍ବା

(ଗ) କୌଣସି ନିରୀକ୍ଷକଙ୍କ ଅଭିଯାଚନରେ ଏହି ଅଧିନିୟମ ଅଧୀନରେ ରଖାଯାଇଥିବା କୌଣସି ରେଜିଷ୍ଟର ବା ଅନ୍ୟ ଦଲିଲ ଦାଖଲ କରିବାକୁ ସ୍ୱେଚ୍ଛାକୃତଭାବେ ମନା କରନ୍ତି, କିମ୍ବା

(ଘ) କୌଣସି ବ୍ୟକ୍ତିଙ୍କୁ ଏହି ଅଧିନିୟମ ଅଧୀନରେ ନିରୀକ୍ଷକଙ୍କ କର୍ତ୍ତବ୍ୟ ଅନୁସାରେ କାର୍ଯ୍ୟ କରୁଥିବା କୌଣସି ପରିଦର୍ଶକଙ୍କ ସମକ୍ଷରେ ହାଜର ହେବାରୁ ବା ପରୀକ୍ଷା କରାଯିବାରୁ ବାଧା ଦିଅନ୍ତି ବା ବାଧା ଦେବାକୁ ଚେଷ୍ଟା କରନ୍ତି ବା ଏପରି କାର୍ଯ୍ୟ କରନ୍ତି ଯାହାକି ବାଧା ଦେବାର ସମ୍ଭାବନା ଅଛି ବୋଲି ବିଶ୍ୱାସ କରିବାକୁ ତାଙ୍କର କାରଣ ଥାଏ, ସେ ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।

(5) ଯଦି କୌଣସି ବ୍ୟକ୍ତି ଯେ ଏହି ଅଧିନିୟମ ଅଧୀନରେ ଦଣ୍ଡନୀୟ କୌଣସି ଅପରାଧରେ ଦୋଷସିଦ୍ଧ ହୋଇଅଛନ୍ତି ସେ ପୁନର୍ବାର ସେହି ଉପବନ୍ଧର ଉଲଂଘନରେ ଅନ୍ତର୍ଗ୍ରସ୍ତ ଥିବା ଅପରାଧରେ ଦୋଷୀ ହୁଅନ୍ତି ତେବେ ସେ ପରବର୍ତ୍ତୀ ଦୋଷସିଦ୍ଧରେ ତିନିମାସ କାଳାବଧି ପାଇଁ କାରାବାସରେ ବା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ବା ଉଭୟରେ ଦଣ୍ଡନୀୟ ହେବେ :

ପରନ୍ତୁ ଏହି ଉପଧାରାର ପ୍ରୟୋଜନ ନିମିତ୍ତ ଯେଉଁ ଅପରାଧ ପାଇଁ ଦଣ୍ଡ ଦିଆ ଯାଉଥାଏ ତାହା ଘଟିଥିବା ତାରିଖର ଦୁଇ ବର୍ଷ ପୂର୍ବରୁ କରା ହୋଇଥିବା କୌଣସି ଦୋଷସିଦ୍ଧ ବିଷୟ ନିରୀକ୍ଷକଙ୍କ ଜ୍ଞାନକୁ ଆସିଲେ ତାହାର ସଂଜ୍ଞାନ କରା ହେବ ନାହିଁ ।

(6) ଯଦି କୌଣସି ବ୍ୟକ୍ତି ପ୍ରାଧିକାରୀଙ୍କ ଦ୍ୱାରା ଏଥିନିମିତ୍ତ ଧାର୍ଯ୍ୟ ତାରିଖରେ କୌଣସି ନିୟୋଜିତ ବ୍ୟକ୍ତିର ମଜୁରି ଦିଅନ୍ତି ନାହିଁ ବା ସ୍ୱେଚ୍ଛାକୃତ ଭାବରେ ଅବହେଳା କରନ୍ତି ତାହାହେଲେ ସେ ତାଙ୍କ ବିରୁଦ୍ଧରେ ନିଆଯାଇପାରିବା ଅନ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ ସେପରି ଅସଫଳତା ବା ଅବହେଳା ଗ୍ଲୁଥିବା ସମୟରେ ପ୍ରତ୍ୟେକ ଦିନ ପାଇଁ ପଚାଶ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।

ଅପରାଧର ବିଚାରଣ ।

21. (1) କୌଣସି ନ୍ୟାୟାଳୟ ଧାରା 20 ର ଉପଧାରା (1) ଅଧୀନରେ କୌଣସି ଏକ ଅପରାଧ ପାଇଁ କୌଣସି ବ୍ୟକ୍ତି ବିରୁଦ୍ଧରେ ଅଭିଯୋଗର ସଂଜ୍ଞାନ କରିବେ ନାହିଁ ଯେ ପର୍ଯ୍ୟନ୍ତ ଅପରାଧ ଗଠନ କରୁଥିବା ବିଷୟ ସଂକ୍ରାନ୍ତରେ ଧାରା 15 ଅଧୀନରେ ଦରଖାସ୍ତ ଉପସ୍ଥାପନ କରା ନ ହୋଇଛି ଏବଂ ପୁରା ଭାବରେ ବା ଆଂଶିକ ଭାବରେ ମଂଜୁର ନ ହୋଇଛି ଏବଂ ପରବର୍ତ୍ତୀ ଧାରା ଅଧୀନ ସକ୍ଷମ ପ୍ରାଧିକାରୀ ବା ସେପରି ଦରଖାସ୍ତ ମଂଜୁର କରିଥିବା ଅପିଲୀୟ ନ୍ୟାୟାଳୟ ଅଭିଯୋଗ କରିବାକୁ ମଂଜୁର କରିନାହାନ୍ତି ।

(2) ଧାରା 20ର ଉପଧାରା (1) ଅଧୀନରେ ଅପରାଧ ପାଇଁ କୌଣସି ବ୍ୟକ୍ତି ବରୁଦ୍ଧରେ ଅଭିଯୋଗ କରିବାକୁ ମଂଜୁର କରିବା ପୂର୍ବରୁ, ଯଥାସ୍ଥିତି, ଧାରା 15 ଅଧୀନରେ ସକ୍ଷମ ଅଧିକାରୀ ବା ଅପିଲୀୟ ନ୍ୟାୟାଳୟ ଏପରି ବ୍ୟକ୍ତିଙ୍କୁ ଏପରି ମଂଜୁର ଦେବା ବିରୁଦ୍ଧରେ କାରଣ ଦର୍ଶାଇବାକୁ ଅବସର ଦେବେ ଏବଂ ଯଦି ଉକ୍ତ ବ୍ୟକ୍ତି ପ୍ରାଧିକାରୀ ବା ନ୍ୟାୟାଳୟଙ୍କୁ ସନ୍ତୁଷ୍ଟ କରନ୍ତି ଯେ ତାହାର ବ୍ୟତିକ୍ରମ—

(କ) ନିୟୋଜିତ ବ୍ୟକ୍ତିଙ୍କୁ ପ୍ରଦେୟ ପରିମାଣ ସମ୍ବନ୍ଧରେ ଯଥାର୍ଥ ତ୍ରୁଟି ବା ଯଥାର୍ଥ ଦ୍ୱନ୍ଦ, କିମ୍ବା

(ଖ) କୌଣସି ଆକସ୍ମିକ ଘଟଣାର ଉତ୍ପତ୍ତି ବା ଅସାଧାରଣ ପରିସ୍ଥିତି ଉପୁଜିବା କାରଣରୁ ମଜୁରି ପ୍ରଦାନ ପାଇଁ ଦାୟୀ ଥିବା ବ୍ୟକ୍ତି ତୁରନ୍ତ ପ୍ରଦାନ କରିବାକୁ ସମ୍ୟକ ତତ୍ପରତା ପ୍ରୟୋଗ କରିଥିବା ସତ୍ତ୍ୱେ ତୁରନ୍ତ ପ୍ରଦାନ କରିବାକୁ ଅକ୍ଷମ ଥିଲ, କିମ୍ବା

(ଗ) ପ୍ରଦାନ ପାଇଁ ଦରଖାସ୍ତ କରିବାରେ ବା ମଜୁରି ଗ୍ରହଣ କରିବାରେ ନିୟୋଜିତ ବ୍ୟକ୍ତିର ଅସଫଳତା ଯୋଗୁ ଘଟିଥିଲ ତାହାହେଲେ ମଂଜୁରି ଦିଆ ହେବ ନାହିଁ ।

(3) କୌଣସି ନ୍ୟାୟାଳୟ ଧାରା 4 ର ବା ଧାରା 6 ର ଉଲ୍ଲଙ୍ଘନ ବା ଧାରା 26 ଅଧୀନରେ ପ୍ରଣୀତ କୌଣସି ନିୟମ ଉଲ୍ଲଙ୍ଘନର ସଂଜ୍ଞାନ ଏହି ଅଧିନିୟମ ଅଧୀନରେ ନିରୀକ୍ଷକଙ୍କ ଦ୍ୱାରା ତାହାର ମଂଜୁରି କ୍ରମେ ଅଭିଯୋଗ କରା ନ ଗଲେ ନେବେ ନାହିଁ ।

(3-କ) କୌଣସି ନ୍ୟାୟାଳୟ ଧାରା 20 ର ଉପଧାରା (3) ବା ଉପଧାରା (4) ଅଧୀନରେ ଦଣ୍ଡନୀୟ କୌଣସି ଅପରାଧର ସଂଜ୍ଞାନ ଏହି ଅଧିନିୟମ ଅଧୀନରେ ନିରୀକ୍ଷକଙ୍କ ଦ୍ୱାରା ବା ତାଙ୍କର ମଂଜୁରି କ୍ରମେ କରାଯିବା ଅଭିଯୋଗ ଭିନ୍ନ ଅନ୍ୟଥା ନେବେ ନାହିଁ ।

(4) ଧାରା 20ର ଉପଧାରା (1) ଅଧୀନ ଅପରାଧ ପାଇଁ ଜୋରିମାନା ଆରୋପ କରିବା ବେଳେ ନ୍ୟାୟାଳୟ ଧାରା 15 ଅଧୀନରେ ନିଆ ହୋଇଥିବା କୌଣସି କାର୍ଯ୍ୟବାହୀରେ ଅଭିଯୁକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଗରୁ ଅଧିନିର୍ଣ୍ଣିତ କ୍ଷତିପୂରଣର ପରିମାଣ ବିଚାରକୁ ନେବେ ।

ବାଦବାରଣ

22. କୌଣସି ନ୍ୟାୟାଳୟ ମଜୁରି ବା ମଜୁରିରୁ କୌଣସି କାଟର ଅସୁଲ ପାଇଁ କୌଣସି ମୋକଦ୍ଦମା ଗ୍ରହଣ କରିବେ ନାହିଁ ଯଦି ଏହି ପ୍ରକାର ଦାବି କରାହୋଇଥିବା ଧନରାଶି—

(କ) ଧାରା 15 ଅଧୀନରେ ବାଦୀ ଦ୍ୱାରା ଉପସ୍ଥାପିତ ହୋଇଥିବା ଏବଂ ଏହି ଧାରା ଅଧୀନରେ ନିଯୁକ୍ତ ପ୍ରାଧିକାରୀଙ୍କ ସମକ୍ଷରେ ଲମ୍ବିତ ଥିବା କୌଣସି ଏକ ଦରଖାସ୍ତର ବା ଧାରା 17 ଅଧୀନ ଅପିଲର ବିଷୟବସ୍ତୁ ହୋଇଥାଏ, କିମ୍ବା

(ଖ) ଧାରା 15 ଅଧୀନ ବାଦୀ ସପକ୍ଷରେ ଦିଆ ହୋଇଥିବା ନିର୍ଦ୍ଦେଶର ବିଷୟ ହୋଇଥାଏ, କିମ୍ବା

(ଗ) ବାଦୀକୁ ଦେୟ ନୁହେଁ ବୋଲି ଧାରା 15 ଅଧୀନରେ କୌଣସି କାର୍ଯ୍ୟବାହୀରେ ନ୍ୟାୟନିର୍ଣ୍ଣିତ ହୋଇଥାଏ, କିମ୍ବା

(ଘ) ଧାରା 15 ଅଧୀନରେ ଦରଖାସ୍ତ ଦ୍ୱାରା ତାହା ଅସୁଲ କରାହୋଇ ପାରିଥାନ୍ତା ।

ସଦ୍‌ଭାବ ପୂର୍ବକ ନିଆ ହୋଇଥିବା କାର୍ଯ୍ୟାନୁଷ୍ଠାନର ପରିତ୍ରାଣ ।

22-କ. କୌଣସି ବାଦ ବା ବୈଧ କାର୍ଯ୍ୟବାହୀ ଏହି ଅଧିନିୟମ ଅଧୀନରେ ସଦ୍‌ଭାବ ପୂର୍ବକ କରା ହୋଇଥିବା ବା କରା ହେବାକୁ ଆଶାୟିତ କୌଣସି ବିଷୟ ସଂପର୍କରେ ସରକାର ବା ସରକାରଙ୍କର କୌଣସି ଅଧିକାରୀଙ୍କ ବିରୁଦ୍ଧରେ ଉପସ୍ଥାପିତ ହେବ ନାହିଁ ।

ସଂବିଦା ଦ୍ୱାରା ତ୍ୟାଗ ।

23. ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ହେଉ ବା ପରେ ହେଉ ଯଦି ଏହିପରି କୌଣସି ସଂବିଦା ବା କରାର କରାଯାଇଥାଏ ଯଦ୍ଦ୍ୱାରାକି କୌଣସି ନିୟୋଜିତ ବ୍ୟକ୍ତି ଏହି ଅଧିନିୟମ ଦ୍ୱାରା ତାଙ୍କୁ ପ୍ରଦତ୍ତ କୌଣସି ଅଧିକାର ତ୍ୟାଗ କରନ୍ତି, ତାହାହେଲେ ଯେଉଁ ପର୍ଯ୍ୟନ୍ତ ତାହା ସେପରି ଅଧିକାରରୁ ତାଙ୍କୁ ବଞ୍ଚିତ କରିବାର ତାତ୍ପର୍ଯ୍ୟ ଥାଏ ସେହି ପର୍ଯ୍ୟନ୍ତ ବାତିଲ ଓ ଶୂନ୍ୟ ହେବ ।

ରେଳ, ଖଣି ଏବଂ ତୈଳ କ୍ଷେତ୍ରକୁ ଅଧିନିୟମର ପ୍ରୟୋଗ ।

24. ରାଜ୍ୟ ସରକାରଙ୍କୁ ଏହି ଅଧିନିୟମ ଦ୍ୱାରା ପ୍ରଦତ୍ତ କ୍ଷମତାମାନ ରେଳ, ବାୟୁ ପରିବହନ ସେବା, ଖଣି ଏବଂ ତୈଳ କ୍ଷେତ୍ର ସଂପର୍କରେ କେନ୍ଦ୍ର ସରକାରଙ୍କର କ୍ଷମତା ହେବ ।

ଅଧିନିୟମର ସଂକ୍ଷିପ୍ତ ବିବରଣୀ ସୂଚନା ଦ୍ୱାରା ସଂପ୍ରଦର୍ଶନ ।

25. ଯେଉଁ ବ୍ୟକ୍ତି କାରଖାନାରେ ନିୟୋଜିତ ବ୍ୟକ୍ତିଙ୍କୁ ମଜୁରି ପ୍ରଦାନ ପାଇଁ ଦାୟୀ ଅଟନ୍ତି ସେ ଏହି କାରଖାନାରେ ଇଂରାଜୀରେ ଏବଂ କାରଖାନାରେ ନିୟୋଜିତ ସଂଖ୍ୟାଧିକ ଭାଷାରେ ଏହି ଅଧିନିୟମ ଏବଂ ତଦ୍ଧୀନ ପ୍ରଣୀତ ନିୟମାବଳୀର ସଂକ୍ଷିପ୍ତ ବିବରଣୀର ଏକ ସୂଚନା ବିହିତ ହୋଇଥିବା ପ୍ରକାରେ ସଂପ୍ରଦର୍ଶନ କରାଇବେ ।

ନିୟୋଜିତ ବ୍ୟକ୍ତିଙ୍କ ମୃତ୍ୟୁ କ୍ଷେତ୍ରରେ ପ୍ରଦତ୍ତ ହୋଇପାରି ନ ଥିବା ମଜୁରିର ପ୍ରଦାନ ।

25-କ. (1) ଏହି ଅଧିନିୟମର ଅନ୍ୟ ଉପବନ୍ଧଗୁଡ଼ିକ ପ୍ରତି ସାପେକ୍ଷ ହୋଇ ଜଣେ ନିୟୋଜିତ ବ୍ୟକ୍ତିଙ୍କୁ ମଜୁରି ରୂପେ ପ୍ରଦେୟ ସମସ୍ତ ପରିମାଣ, ଯଦି ପ୍ରଦାନ ପୂର୍ବରୁ ତାଙ୍କର ମୃତ୍ୟୁ ଯୋଗୁଁ ବା ତାଙ୍କର ଠିକଣା ଜଣା ନ ଥିବା ଯୋଗୁଁ ତାଙ୍କୁ ସେହି ପରିମାଣ ଦିଆଯାଇ ପାରୁନଥାଏ ବା ଦିଆଯାଇପାରିବ ନାହିଁ, ତେବେ—

(କ) ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ନିୟମାବଳୀ ଅନୁସାରେ ଏତଦ୍‌ଉପଲକ୍ଷେ ତାଙ୍କ ଦ୍ୱାରା ମନୋନୀତ ବ୍ୟକ୍ତିଙ୍କୁ ଦିଆଯିବ, ବା

(ଖ) ଯେଉଁ ସ୍ଥଳେ ସେପରି ମନୋନୟନ କରାଯାଇନଥାଏ ବା ଯେଉଁ ସ୍ଥଳେ କୌଣସି କାରଣରୁ ସେପରି ମନୋନୀତ ବ୍ୟକ୍ତିଙ୍କୁ ସେହି ପରିମାଣ ଦିଆଯାଇପାରିବ ନାହିଁ, ସେହିସ୍ଥଳେ ତାହା ବିହିତ ପ୍ରାଧିକାରୀଙ୍କ ନିକଟରେ ଜମା ହେବ, ଯେ କି ସେହି ଜମା ପରିମାଣକୁ ଯେପରି ବିହିତ ହେବ ସେପରି ରୀତିରେ ବ୍ୟବହାର କରିବେ ।

(2) ଯେଉଁସ୍ଥଳେ ଉପଧାରା (1)ର ଉପବନ୍ଧ ଅନୁସାରେ ଜଣେ ନିୟୋଜିତ ବ୍ୟକ୍ତିଙ୍କୁ ମଜୁରି ରୂପେ ପ୍ରଦେୟ ସମସ୍ତ ପରିମାଣ—

(କ) ନିୟୋଜିତ ବ୍ୟକ୍ତିଙ୍କ ଦ୍ୱାରା ମନୋନୀତ ବ୍ୟକ୍ତିଙ୍କୁ ନିୟୋଜକ ପ୍ରଦାନ କରନ୍ତି, ବା

(ଖ) ବିହିତ ପ୍ରାଧିକାରୀଙ୍କ ନିକଟରେ ନିୟୋଜକ ଜମା କରନ୍ତି, ସେହିସ୍ଥଳେ ନିୟୋଜକ ସେହି ମଜୁରି ପ୍ରଦାନ କରିବା ଦାୟିତ୍ୱରୁ ମୁକ୍ତ ହେବେ ।

ନିୟମାବଳୀ ପ୍ରଣୟନ କରିବାର କ୍ଷମତା ।

26. (1) ରାଜ୍ୟ ସରକାର ଧାରା 15 ଏବଂ 17ରେ ନିର୍ଦ୍ଦେଶିତ ପ୍ରାଧିକାରୀ ବର୍ଗ ଏବଂ ନ୍ୟାୟାଳୟମାନଙ୍କ ଦ୍ୱାରା ଅନୁସୃତ ପ୍ରକ୍ରିୟା ବିନିୟମିତ କରିବାକୁ ନିୟମାବଳୀ ପ୍ରଣୟନ କରିପାରିବେ ।

(2) ରାଜ୍ୟ ସରକାର ଏହି ଅଧିନିୟମର ଉପବନ୍ଧମାନଙ୍କୁ ପ୍ରଭାବୀ କରିବା ପ୍ରୟୋଜନରେ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ନିୟମାବଳୀ ପ୍ରଣୟନ କରିପାରିବେ ।

(3) ବିଶେଷତଃ ଏବଂ ପୂର୍ବୋକ୍ତ କ୍ଷମତାର ବ୍ୟାପକତା ଉପରେ ଆଞ୍ଚ ନ ଆଣି ଉପଧାରା (2) ଅଧୀନ ପ୍ରଣୀତ ନିୟମାବଳୀ—

(କ) ଅଧିନିୟମର ପ୍ରବର୍ତ୍ତନ ପାଇଁ ଆବଶ୍ୟକ ହେଉଥିବା ମତେ ସେପରି ଅଭିଲେଖ, ରେଜିଷ୍ଟର, ରିଟର୍ଣ୍ଣ ଏବଂ ସୂଚନାମାନ ରଖିବାକୁ ଆବଶ୍ୟକ କରିପାରିବ ଏବଂ ତାହାର ଫର୍ମ ଏପରି ରେଜିଷ୍ଟର ବା ଅଭିଲେଖରେ ପ୍ରବିଷ୍ଟ ହେବାକୁ ଥିବା ବିବରଣୀମାନ ବିହିତ କରିପାରିବ,

(ଖ) ନିୟୋଜନ ଚାଲୁରହିଥିବା ପରିସର ମଧ୍ୟରେ ଏକ ସହଜ ଦୃଶ୍ୟ ସ୍ଥାନରେ ଉକ୍ତ ପରିସରରେ ନିୟୋଜିତ ବ୍ୟକ୍ତିଙ୍କୁ ପ୍ରଦେୟ ମଜୁରି ହାର ଉଲ୍ଲେଖ କରି ସୂଚନା ସଂପ୍ରଦର୍ଶନ କରାଯିବା ପାଇଁ ଆବଶ୍ୟକ କରିପାରିବ,

(ଗ) ନିୟୋକ୍ତାମାନଙ୍କ ଦ୍ୱାରା ନିୟୋଜିତ ବ୍ୟକ୍ତିମାନଙ୍କର ମଜୁରି ଯାଞ୍ଚ ବା ନିର୍ଣ୍ଣୟ କରିବା ପାଇଁ ବ୍ୟବହୃତ ବଟକରା, ମାପ ଓ ଓଜନ କରିବା ଯନ୍ତ୍ରର ନିୟମିତ ତଦନ୍ତ ପାଇଁ ଉପବନ୍ଧ କରିପାରିବ,

(ଘ) ଯେଉଁ ଦିନମାନଙ୍କରେ ମଜୁରି ଦିଆଯିବ ତାହାର ସୂଚନା ଦେବାର ପ୍ରଣାଳୀ ବିହିତ କରିପାରିବ,

(ଙ) ଯେଉଁ ସବୁ କାର୍ଯ୍ୟ ବା କାର୍ଯ୍ୟଲୋପ ପାଇଁ ଜୋରିମାନା ଆରୋପ କରାଯାଇ ପାରିବ ସେ ସବୁ କେଉଁ ପ୍ରାଧିକାରୀ ଧାରା 8ର ଉପଧାରା (1) ଅଧୀନରେ ଅନୁମୋଦନ କରିବା ନିମିତ୍ତ ସକ୍ଷମ ହେବେ ତାହା ବିହିତ କରିପାରିବ,

(ଚ) ଧାରା 8 ଅଧୀନରେ ଜୋରିମାନାର ଆରୋପ ପାଇଁ ଏବଂ ଧାରା 10ରେ ନିର୍ଦ୍ଦେଶିତ କାଟ ପାଇଁ ପ୍ରକ୍ରିୟା ବିହିତ କରିପାରିବ,

(ଛ) କେଉଁ ସର୍ତ୍ତାବଳୀର ବଶବର୍ତ୍ତୀ ହୋଇ ଧାରା 7ର ଉପଧାରା (2)ର ଉପବନ୍ଧ ଅଧୀନରେ କାଟ କରାଯାଇ ପାରିବ ତାହା ବିହିତ କରିପାରିବ,

(ଜ) ଯେଉଁ ପ୍ରୟୋଜନରେ ଜୋରିମାନାରୁ ଲବ୍ଧଧନ ଖର୍ଚ୍ଚ କରାଯିବ ତାହା ଅନୁମୋଦନ କରିବାକୁ କେଉଁ ପ୍ରାଧିକାରୀ ସକ୍ଷମ ହେବେ ତାହା ବିହିତ କରିପାରିବ,

(ଝ) ଧାରା 12ର ଖଣ୍ଡ (ଖ)ରେ ନିର୍ଦ୍ଦେଶିତ ହୋଇଥିବା ମତେ ଅଗ୍ରିମ ଦିଆଯାଇପାରିବ ଏବଂ ତାହା କେତେ କିସ୍ତିରେ ଆଦାୟ ହୋଇ ପାରିବ ତାହାର ସୀମା ବିହିତ କରିପାରିବ,

(ଝକ) ଧାରା 12କ ରେ ନିର୍ଦ୍ଦେଶିତ ହୋଇଥିବା ମତେ କେତେ ଋଣ ଦିଆଯାଇ ପାରିବ ଓ ତାହା ଉପରେ କେଉଁ ହାରରେ ସୁଧ ଦେୟ ହେବ ତାହା ବିହିତ କରିପାରିବ,

(ଝଖ) ଏହି ଅଧିନିୟମର ପ୍ରୟୋଜନ ନିମିତ୍ତ ନିରୀକ୍ଷକମାନଙ୍କ କ୍ଷମତା ବିହିତ କରିପାରିବ,

(ଞ) ଏହି ଅଧିନିୟମ ଅଧୀନ ପ୍ରକ୍ରିୟାରେ କେଉଁ ହାରରେ ଖର୍ଚ୍ଚ ମଂଜୁର କରାଯିବ ତାହା ବିନିୟମିତ କରିପାରିବେ,

(ଟ) ଏହି ଅଧିନିୟମ ଅଧୀନ କୌଣସି ପ୍ରକ୍ରିୟା ସଂକ୍ରାନ୍ତରେ ଦେୟ କୋର୍ଟଫିସର ପରିମାଣ ବିହିତ କରିପାରିବ,

(ଠ) ଧାରା 25 ଦ୍ୱାରା ଆବଶ୍ୟକ ହେଉଥିବା ସୂଚନାରେ କେଉଁ ସଂକ୍ଷିପ୍ତ ବିବରଣି ରହିବ ତାହା ବିହିତ କରିପାରିବ, ଏବଂ

(ଡ) ବିହିତ ହେବାକୁ ଥିବା ବା ବିହିତ ହୋଇ ପାରିବା ଅନ୍ୟ କୌଣସି ବିଷୟ ଉପବନ୍ଧିତ କରିପାରିବ ।

(4) ଏହି ଧାରା ଅଧୀନରେ କୌଣସି ନିୟମ ପ୍ରଣୀତ କରିବା ବେଳେ ରାଜ୍ୟ ସରକାର ଉପବନ୍ଧ କରିପାରିବେ ଯେ ନିୟମର ଉଲ୍ଲଙ୍ଘନ ଦୁଇଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବ ।

(5) ଏହି ଧାରା ଅଧୀନରେ ପ୍ରଣୀତ ସମସ୍ତ ନିୟମ ପୂର୍ବ ପ୍ରକାଶନ ବଶବର୍ତ୍ତୀ ହେବ ଏବଂ ସାଧାରଣ ଖଣ୍ଡ ଅଧିନିୟମ, 1897ର ଧାରା 23ର ଖଣ୍ଡ (3) ଅଧୀନରେ ବିନିର୍ଦ୍ଦିଷ୍ଟ ହେବାକୁ ଥିବା ତାରିଖ ପ୍ରସ୍ତାବିତ ନିୟମାବଳୀର ଚିଠା ପ୍ରକାଶନ ତାରିଖଠାରୁ ତିନିମାସରୁ କମ୍ ହେବ ନାହିଁ ।

(6) ଏହି ଧାରା ଅଧୀନରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ପତ୍ୟେକ ନିୟମ ଏହା ପ୍ରଣୀତ ହେବା ପରେ ଯଥା ସମ୍ଭବ ଶୀଘ୍ର ସଂସଦର ପ୍ରତ୍ୟେକ ସଦନ ସମକ୍ଷରେ ତାହା ସତ୍ରରେ ଥିବା ବେଳେ ମୋଟ ତିରିଶ ଦିନ କାଳାବଧି ପାଇଁ ଉପସ୍ଥାପିତ ହେବ ଯେଉଁ କାଳାବଧିକି ଏକ ସତ୍ରରେ ବା ଦୁଇ କ୍ରମବର୍ତ୍ତୀ ସତ୍ରରେ ସମାବିଷ୍ଟ ହୋଇପାରେ ଏବଂ ଯଦି ଏହା ଉପସ୍ଥାପିତ କରାଯାଇଥିବା ସତ୍ର ବା ଅବ୍ୟବହିତ ପରବର୍ତ୍ତୀ ସତ୍ରର ଅବସାନ ପୂର୍ବରୁ ନିୟମରେ କୌଣସି ରୂପାନ୍ତର କରାଯିବା ନେଇ ଉଭୟ ସଦନ ସହମତ ହୁଅନ୍ତି ବା ଉଭୟ ସଦନ ସହମତ ହୁଅନ୍ତି ଯେ ନିୟମଟି ପ୍ରଣୀତ ହେବା ଉଚିତ ନୁହେଁ ତାହାହେଲେ ତାପରେ ସେହି ନିୟମଟି ଯଥାସ୍ଥିତି ସେପରି ରୂପାନ୍ତରିତ ଆକାରରେ ହିଁ ପ୍ରଭାବୀ ହେବ ବା ପ୍ରଭାବଶୂନ୍ୟ ହେବ କିନ୍ତୁ ଏପରି ରୂପାନ୍ତରଣ ବା ରଦ୍ଦକରଣ ସେହି ନିୟମ ଅଧୀନରେ ପୂର୍ବରୁ କରାଯାଇଥିବା କୌଣସି ବିଷୟର ବିଧିମାନ୍ୟତା ପ୍ରତି ଆଞ୍ଚ ଆଣିବ ନାହିଁ ।